ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.239, Bhubaneswar Sunday, November 03, 2019 ୨୨ତମ ବର୍ଷ ସଂଖ୍ୟା–୨୩୯ ଭୁବନେଶ୍ୱର ରବିବାର, ନଭେମ୍ବର ୦୩, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି ଦୋହରାଇଲା ବିଜେପି

ଭୁବନେଶ୍ୱର, ୨।୧୧(ପି.ଏନ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ହରିଦାସପୁର ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରାଯାଉ । ରାଜ୍ୟ ସରକାର ଏହି ମାମଲାର ସିବିଆଇ ତଦନ୍ତ ପାଇଁ ସୁପାରିଶ ନକଲେ ବିଧାନସଭାକୁ ଅଚଳ କରାଯିବ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଚେତାବନୀ ଦେଇଛନ୍ତି । ଏହାସହ ବିଜେପି ବିଧାୟକଙ୍କ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ କେନ୍ଦ୍ର ଗୃହ ମନ୍ତ୍ରୀ ଓ ରାଷ୍ଟ୍ରୀୟ ମହିଳା ଆୟୋଗଙ୍କୁ ଭେଟି ସମ୍ପୃକ୍ତ ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିବ ବୋଲି ଶ୍ରୀ ନାଏକ କହିଛନ୍ତି । ବିଜେପି ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାଏକ କହିଛନ୍ତି ବିଧାନସଭା ଅଧିବେସନ ଆରମ୍ଭ ହେବା ପୂର୍ବରୁ ଯଦି ରାଜ୍ୟ ସରକାର ସ୍ମିତାରାଣି ହତ୍ୟା ଓ ଦୁର୍ଷ୍ମ ମାମଲାର ସିବିଆଇ ତଦନ୍ତ ପାଇଁ ସୁପାରିଶ ନକରନ୍ତି ତାହେଲେ ବିରୋଧି ଦଳ ପକ୍ଷରୁ ବିଧାନସଭା ଅଚଳ କରାଯିବ । ସ୍ମିତାରାଣିଙ୍କର ପରିବାର ଏବେ ଭୟଭିତ ହୋଇକି ଅଛନ୍ତି । ତାଙ୍କ ପରିବାରକୁ ୨୪ଘଂଟିଆ କଡା ପୋଲିସ ସୁରକ୍ଷା ଦିଆଯାଉ ବୋଲି ଶ୍ରୀ ନାଏକ ଦାବି କରିଛନ୍ତି । ଶ୍ରୀ ନାଏକ କହିଛନ୍ତି ଯେ ସ୍ଥାନୀୟ ତହସିଲ ଅଫିସର ତଥ୍ୟ ଅନୁସାରେ ମାର୍ଚ୍ଚ ୨୭,୨୦୧୮ରେ ଏହି ରଙ୍ଗଶାଳାକୁ ଉଚ୍ଛେଦ କରାଯାଇଛି । ଆର୍‌ଆଇ କ୍ଷୀରାଦି ପଣ୍ଡାଙ୍କ ସ୍ୱାକ୍ଷରରେ ଏକ ଉଚ୍ଛେଦ ରିପୋର୍ଟ ମାର୍ଚ୍ଚ ୨୭,୨୦୧୮ ତାରିଖ ଦିନ ତହସିଲ ଅଫିସକୁ ଦିଆଯାଇଛି । ରାଜ୍ୟ ରାଜସ୍ୱ ବରାଗ ତଥା ଜିଲ୍ଲାପାଳ ଏହି ରିପୋର୍ଟର ସତ୍ୟତା ଉପରେ ତୁରନ୍ତ ସ୍ପଷ୍ଟିକରଣ ରଖନ୍ତୁ । ଏହି ରଙ୍ଗଶାଳାର ମିଛ ଉଚ୍ଛେଦ ର ଖଳ ନାୟକ କେଉଁମାନେ ଥିଲେ ? ଯଦି ବହୁ କେଳେଙ୍କାରୀର ହୃତପିଣ୍ଡର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଏ ସବୁ ତଥ୍ୟ ସାମ୍ନାକୁ ଆସିବ । ରୂପେଶ୍ ଭଦ୍ରର କାହା ସହିତ ସମ୍ପର୍କ ଅଛି ସେହି ରଙ୍ଗମହଲ କୁ କେଉଁମାନେ ଆସନ୍ତି ତାହା ମଧ୍ୟ ସାମନାକୁ ଆସିବ । ସ୍ମିତାରାଣିଙ୍କର ସ୍ୱାମୀ ମହିଳା କମିଶନ ଓ ପୋଲିସ ଡିଜିଙ୍କ ପାଖରେ କହିଛନ୍ତି ଯେ ସ୍ମିତାରାଣିଙ୍କ ଉପରେ ବୃତିଗତ ଚାପ ଥିଲା । ଶାସକ ଦଳର କିଛି ନେତା ମିଥ୍ୟା ବିଲ ପାସ କରାଇବା, ପକ୍ଟାଘର ହିତାଧୀକାରି ଚୟନରେ ସେମାନଙ୍କ ସୁପାରିଶ ଅନୁସାରେ ହିତାଧିକାରି ଚୟନ କରିବା ଓ ଅନ୍ୟାନ ସରକାରୀ ଯୋଜନାରେ ବେଆଇନ କାମ କରିବା ପାଇଁ ଚାପ ପକାଉଥିଲେ । ପୋଲିସ ସେହି ଦିଗ ଉପରେ ତଦନ୍ତ କାହିଁକି କଲାନାହିଁ ? ସ୍ମିତାରାଣୀର ଗଣଦୁର୍ଷ୍ମ ଏବଂ ହତ୍ୟା ସ୍ଥଳୀରେ ରଙ୍ଗଶାଳା ସାଜିଥିବା ସେ ଗେଷ୍ଟହାଉସର ସିସିଟିଭି ଫୁଟେଜ କୁଆଡେ ଗଲା ? ଗଣଦୁଷ୍କର୍ମ ଏବଂ ହତ୍ୟା ହୋଇଥିବା ଘଟଣାସ୍ଥଳ ଏବଂ ଗେଷ୍ଟହାଉସ କଣ ପାଇଁ ପୋଲିସ ସେହି ଘଟଣା ଘଟିବା ପରେ ସିଲ କଲା ନାହିଁ ? ଯେଉଁ ସ୍କୋର୍ପିଓରେ ମୃତା ସ୍ମିତାରାଣୀଙ୍କୁ ଡାକ୍ତରଖାନା ନିଆଗଲା ସେ ଗାଡି କାହାର ଏବଂ ସେଗାଡିକୁ ପୋଲିସ କଣ ପାଇଁ ସିଜ କରିଲା ନାହିଁ ? ଘଟଣା ସମୟରେ ଗେଷ୍ଟ ହାଉସରେ ଥିବା ବାକି ୪ ଜଣ ଯେଉଁଥିରେ ୨ ଜଣ ବିଜେଡିର ସମିତିସଭ୍ୟ, ଜଣେ ଜିଲ୍ଲା ପରିଷଦ ସଦସ୍ୟ ଏବଂ ଜଣେ ରାମକୋର ଉଚ୍ଚସ୍ତରୀୟ ଅଧିକାରୀ ଥିଲେ ସେମାନେ କିଏ ଏବଂ ଏହି ହତ୍ୟାକାଣ୍ଡରେ ତାଙ୍କର ଭୂମିକା କଣ ଥିଲା । ଏ ସମସ୍ତ ଅସମାହିତ ପ୍ରଶ୍ନର ଉତର ସିବିଆଇ ତଦନ୍ତ ହେଲେ ଯାଇ ବାହାରିବ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ମୁକେଶ ମାହାଲିଙ୍ଗ, ମୁଖପାତ୍ର ଗୋଲକ ମହାପାତ୍ର, ସମ୍ପାଦକ କାଳନ୍ଦୀ ସାମଲ, ଗୌତମ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଡିସେମ୍ବର ୧୪ରୁ ଏକମାସ ଧରି ଅନୁଷ୍ଠିତ ହେବ ଆନ୍ତର୍ଜାତିକ ସ୍ତରର ଉତ୍ସବ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ

ଭୁବନେଶ୍ୱର, ୨।୧୧(ପି.ଏନ): ପୁରୀ-କୋଣାର୍କ ମେରାଇନ ଡ୍ରାଇଭରେ କୋଣାର୍କ ଠାରୁ ୮ କିଲୋମିଟର ଦୂରରେ ୧୪ ଜାନୁଆରୀ ପର୍ଯ୍ୟନ୍ତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଏହା ଏକ ପ୍ରମୁଖ ଆକର୍ଷଣ ହେବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ଏକ ବୈଠକରେ ଏହି ନିଷ୍ପତି କରାଯାଇଛି । ଏହି ଫେଷ୍ଟିଭାଲକୁ ସଫଳ କରିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗ ତାଙ୍କର ଶ୍ରେଷ୍ଠ ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଛନ୍ତି । ପୁରୀ ସହରର ବିକାଶ, ଶାମୁକା ପ୍ରକଳ୍ପ ସହିତ ମେରାଇନ ଡ୍ରାଇଭରେ ଏହି ଆନ୍ତର୍ଜାତିକ ସ୍ତରର କାର୍ଯ୍ୟକ୍ରମ ପୁରୀ କୋଣାର୍କର ପର୍ଯ୍ୟଟନ ଦକ୍ଷତା ଯଥେଷ୍ଟ ଭାବରେ ବୃଦ୍ଧି କରାଇବ ।ବୈଠକର ନିଷ୍ପତି ଅନୁଯାୟୀ ଏକ ମାସ ଧରି ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନଙ୍କ ରହିବା ପାଇଁ ବିଳାସପୂର୍ଣ୍ଣ ଟେଂଟ, ସାଂସ୍କୃତିକ କାର୍ଯ୍ୟକ୍ରମ, ୩ଡି ମ୍ୟାପିଂ, ଫୁଡ ଫେଷ୍ଟିଭାଲ, ରୋମାଂଚକର କ୍ରୀଡ଼ା, ଜଳକ୍ରୀଡ଼ା(ଆଡ଼ଭେଂଚର, ୱାଟର ସ୍ପୋର୍ଟସ) ଭଳି ଆନ୍ତର୍ଜାତିକ ମାନର ବ୍ୟବସ୍ଥା ପର୍ଯ୍ୟଟକଙ୍କ ପାଇଁ କରାଯିବ। ପର୍ଯ୍ୟଟକମାନଙ୍କ ରହିବା ପାଇଁ ୫୦ଟି କୋଠରୀ ବିଶିଷ୍ଟ ବିଳାସପୂର୍ଣ୍ଣ ଟେଂଟ କଟେଜ ନିର୍ମାଣ କରାଯିବା ସହିତ ଜଳ, ବିଦ୍ୟୁତ, ପାର୍କିଂର ବ୍ୟବସ୍ଥା କରାଯିବ। ମେରାଇନ ଡ୍ରାଇଭ ସଡ଼କର ଆଲୋକୀକରଣ ସହିତ ଏହି ପର୍ଯ୍ୟଟନ ଅଂଚଳର ସୌନ୍ଦର୍ଯ୍ୟକରଣ କରାଯିବ ।ଏହି ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡ଼ା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ଓଟିଡିସିର ଅଧକ୍ଷା ଶ୍ରୀମୟୀ ମିଶ୍ର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

ସିଆରପିଏଫ କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ ମାମଲା : ଦୁଇ ପାକିସ୍ତାନୀ ସମେତ ଚାରି ଜଣଙ୍କୁ ଫାସି ଦଣ୍ଡ, ଜଣଙ୍କୁ ଆଜୀବନ କାରାବାସ

ନୂଆଦିଲ୍ଲୀ, ୨।୧୧(ପି.ଏନ): ୧୨ ବର୍ଷ ପୂର୍ବେ ଉତର ପ୍ରଦେଶର ରାମପୁର ସିଆରପିଏଫ କ୍ୟାମ୍ପ ଉପରେ ଆତଙ୍କବାଦୀ ଆକ୍ରମଣ ମାମଲାରେ କୋର୍ଟ ଚାରି ଜଣଙ୍କୁ ଫାସି ଦଣ୍ଡାଦେଶ ଦେଇଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଜଣ ପାକିସ୍ତାନୀ । ଆଉ ଜଣଙ୍କୁ ଆଜୀବନ କାରାବାସ ତଥା ଜଣଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି ।

ଆତଙ୍କବାଦୀ ଆକ୍ରମଣ ମାମଲାରେ ଇମରାନ ଶହଜାଦ, ଫାରୁଖ, ସବାଉଦିନ ଓ ଶରୀଫକୁ ଫାସି ଦଣ୍ଡାଦେଶ ହୋଇଛି । ରାମପୁରର ଅପର ଜଜ ସଂଜୟ କୁମାରଙ୍କ ଅଦାଲତ ଏହି ରାୟ ଶୁଣାଇଛନ୍ତି । ଉଲ୍ଲେଖନୀୟ ଯେ ୨୦୦୭ ମସିହା ଡିସେମ୍ବର ୩୧ ତାରିଖ ଦିନ ରାତ୍ରୀ ୨.୩୦ରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏଥିରେ ସାତ ଜଣ ସୈନିକ ଶହୀଦ ହୋଇଥିଲେ ।

ଝିଅକୁ ପନିକିରେ ହାଣି ହତ୍ୟା ଘଟଣା- ହତ୍ୟାକାରୀ ବାପାଙ୍କୁ କୋର୍ଟ ଚାଲାଣ

ନୂଆପଡା, ୨।୧୧(ପି.ଏନ): ନୂଆପଡା ଜିଲ୍ଲା ଖଡିଆଳ ଥାନା ରାଣିମୁଣ୍ଡା ପଞ୍ଚାୟତର କୋଟାମାଲ ଗ୍ରାମରେ ଗତକାଲି ସଂଧ୍ୟାରେ ଝିଅକୁ ପନିକିରେ ହାଣି ହତ୍ୟା କରିବା ଘଟଣାରେ ଖଡିଆଳ ପୁଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନମତେ ଦୀର୍ଘ ଦିନରୁ କୋଟାମାଲ ଗ୍ରାମର ମହେନ୍ଦ୍ର କେତକୀ ରୋଗରେ ଆକ୍ରାନ୍ତ ହୋଇ ମାନସିକ ଦୁଃଚିନ୍ତାରେ ରହି ଆସୁଥିଲେ । ହେଲେ ଗତକାଲି ସଂଧ୍ୟା ସମୟରେ ଘରେ କେହିନଥିବା ଅବସ୍ଥାରେ ତାଙ୍କର ୮ ବର୍ଷର ଶିଶୁକନ୍ୟା ସରିତା କେତକୀଙ୍କୁ ଏକ ପନିକି ସାହାର୍ଯ୍ୟରେ ବେକକୁ କାଟି ଦେଇଥିଲେ । ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘଟଣାସ୍ଥଳରେ ହିଁ ଶିଶୁକନ୍ୟାଟିର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣା ଘଟାଇ ବାପା ମହେନ୍ଦ୍ର କେତକୀ ଫେରାର ମାରି ମାରିଥିଲା । ସେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଥିଲେ । ପରେ ଖଡିଆଳ ପୁଲିସ ଅଭିଯୁକ୍ତଙ୍କୁ କୋଟାମାଲ ଗ୍ରାମରୁ ଗିରଫ କରି ଥାନାକୁ ଆଣି ଅଧିକ ତଦନ୍ତ ପରେ ଆଜି କୋର୍ଟ ଚାଲାଣ କରିଥିବା ନେଇ ଥାନା ପକ୍ଷରୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କୁ ପଚରାଯିବାରୁ ମହେନ୍ଦ୍ର କେତକୀଙ୍କ ଦେହ ପ୍ରାୟ ସବୁବେଳେ ଖରାପ ରହୁଥିବାରୁ ସେ ସବୁବେଳେ ପରିବାରର ସମସ୍ତ ସଦସ୍ୟଙ୍କୁ ମାରି ନିଜେ ଆତ୍ମହତ୍ୟା କରିବେ ବୋଲି ଭାବି ଆସୁଥିଲେ, କିନ୍ତୁ ଘଟଣା ଦିନ ମାନସିକ ଭାରସାମ୍ୟ ହରାଇ ବସିବାରୁ ଝିଅକୁ ମାରି ଦେଇଥିବା ନେଇ ମହେନ୍ଦ୍ର ପ୍ରକାଶ କରିଥିବା ସୂଚନା ଦେଇଛନ୍ତି । ଏହି ଘଟଣାକୁ ନେଇ ଖଡିଆଳ ଅଞ୍ଚଳରେ ଶୋକର ବାତାବରଣ ଖେଳି ଯାଇଥିବା ବେଳେ ଗ୍ରାମରେ କୋକୁଆଭୟ ସୃଷ୍ଟି ହୋଇଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ରାୟଗଡ଼ା ଡ଼ିଏଫଓ ନିଲମ୍ବିତ

ଭୁବନେଶ୍ୱର, ୨।୧୧(ପି.ଏନ):- ଦୁର୍ନୀତି, ଅନିୟମିତତା ଓ କାର୍ଯ୍ୟ କ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ରାୟଗଡ଼ା ଡ଼ିଏଫଓ ଦେବାର୍ଚ୍ଚନ ବେହେରାଙ୍କୁ ଆଜି ରାଜ୍ୟ ସରକାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ।

ପୋଲିସ ଡିଜି ବିଜୟ କୁମାର ଶର୍ମାକୁ ସମ୍ବର୍ଦ୍ଧନା

ଜୟପୁର, ୨।୧୧(ପି.ଏନ): ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କୁ ଆଜି ଜୟପୁରରେ ଭବ୍ୟ ସମ୍ବଦ୍ଧନା ଦିଆଯାଇଛି । ନାଚ , ଗୀତ ରେ ସମ୍ବଦ୍ଧନା ଦିଆଯାଇଥିବା ବେଳେ ଏହି ସମ୍ବର୍ଦ୍ଧନା ପାଇ ନିଜ କୁ ଧନ୍ୟ ମନେ କରିଛନ୍ତି ଡିଜିପି । ବିଜୟ କୁମାର ଶର୍ମାଙ୍କ କର୍ମମୟ ଜୀବନ ଜୟପୁରରେ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଆଇପିଏସ ଏସିଡପିଓ ଭାବେ ଜୟପୁର ଦାୟିତ୍ୱ ନେଇଥିଲେ । ଗତ ୧୯୮୯ ରୁ ୧୯୯୦ ଯାଏ ତାଙ୍କ କାର୍ଯ୍ୟକଳାପ ଜୟପୁର ବାସୀ ଙ୍କୁ ଆକୃଷ୍ଟ କରିଥିଲା । ଏନେଇ ଆଜି ଜୟପୁର ନାଗରିକ କମିଟି ତରଫରୁ ସମ୍ବଦ୍ଧନା ଦିଆଯାଇଛି । ଏହି ଅବସରରେ କର୍ମମୟ ଜୀବନରେ ବହୁତ ଲୋକଙ୍କ ସହ ସମ୍ପର୍କ ରହିଥିଲା । ଆଜି ଯୋଗ ଦେଇ ଡିଜିପି ଜୟପୁର ରେ ସାଇବାର ଥାନା ଶିଘ୍ର ପ୍ରତିଷ୍ଠା ପାଇ ଚେଷ୍ଟା କରିବା ସହ ଜୟପୁର ଥାନାରେ ଅଧିକ ନିଯୁକ୍ତି କରିବା ସହ ସହର ସାରା ସିସି କେମେରା ଲଗାଇବ ବୋଲି ସୁଚନା ଦେଇଥିଲେ । ଜୟପୁର ମାଟି ରେ କାଯ୍ୟ କରିବା ରେ ଯେଉଁ ସସେହ ଶ୍ରଦ୍ଧାର ରହିଥିଲା ସେହି ସ୍ନହେ ଶ୍ରଦ୍ଧା ଯୋଗୁଁ ଆଜି ଏତେ ବଡ ପଦବୀ ରେ ରହିଥିବା ସେ ଭାବ ବିହ୍ୱଳ କଣ୍ଠରେ ପ୍ରକାଶ କରିଥିଲେ । ନାଗରିକ କମିଟିର ସଭାପତି ମିନ କେତନ ଦାଶ ଙ୍କ ସଭାପିତିତ୍ୱରେ ଆୟୋଜିତ କାଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହନିପତି ଯୋଗଦେଇ ଡିଜିପି ଙ୍କୁ ପ୍ରଶଂସା କରିବା ସହ ସହରରେ ବେନିୟମ ମଦ ବିକ୍ରି ବନ୍ଦ କରିବାକୁ ଦାବୀ ରଖିଥିଲେ । କାଯ୍ୟକ୍ରମରେ ପୁବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜିଆଇଜି ସଫିନ ଅହମ୍ମଦ, ଏସପି ମୁକେଶ କୁମାର ଭାମୋ, ଏସଡିପିଓ ବରୁଣ ଗୁଣ୍ଡୁପାଲି ଉପସ୍ଥିତ ରହିଥିବା ବେଳେ ନାଗରିକ କମିଟିର ସମ୍ପାଦକ ଗୀତ ପ୍ରକାଶ ମିଶ୍ର ମ ପରିଚାଳନା କରିଥିଲେ । ଏହି ସଭାରେ ବିଭିନ୍ନ ସଂଗଠନ ତରଫରୁ ଡିଜିପି ଙ୍କୁ ସମ୍ବଦ୍ଧନା ଦିଆଯାଇଥିଲ ।

ଦୁଇ ଭାଗ ହେଲା ବିଶାଖା ଏକ୍ସପ୍ରେସ୍ : ବଡକୁଳ ରେଳଧାରଣା ଉପରେ ଏସି ବଗି ସହ ୨ କିମି ଗଡିଲା ଇଂଜିନ୍

ଭୁବନେଶ୍ୱର,୨।୧୧(ପି.ଏନ): ପୁଣି ବଗି ଛାଡି ପଳାଇଲା ଟ୍ରେନ୍ ଇଂଜିନ୍। ଶନିବାର ପୂର୍ବାହ୍ନରେ ବାଲୁଗାଁ ଷ୍ଟେସନ୍ ନିକଟବର୍ତୀ ବଡ଼କୁଳ ରେଳଲାଇନ୍ ରେ ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ମଝିରୁ ଦୁଇ ଭାଗ ହୋଇଯାଇଥିଲା। ଇଂଜିନ୍ ସହ ଅଧା ବଗି ଦୁଇ କିଲୋମିଟର୍ ଆଗକୁ ଗଡ଼ିଯାଇଥିଲା ବେଳେ ଅଧା ବଗି ପଛରେ ରହିଯାଇଥିଲା। ଯାତ୍ରୀ ଓ ପଛରେ ଥିବା ଗାର୍ଡଙ୍କ ଠାରୁ ସୂଚନା ପାଇବା ପରେ ବାଲୁଗାଁ ଷ୍ଟେସନ୍ ରେଳ କର୍ତୃପକ୍ଷଙ୍କ ଉଦ୍ୟମରେ ପୁଣି ବଗିଗୁଡ଼ିକ ଇଞ୍ଜିନ୍ ସହ ସଂଯୋଗ କରାଯାଇଥିଲା। ତେବେ ଟ୍ରେନ୍ ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ବାଲୁଗାଁ ଷ୍ଟେସନ୍ ରେ ପହଂଚି ସେଠାରୁ ପୂର୍ବାହ୍ନ ୯ଟା୫୦ରେ ଛାଡ଼ିଥିଲା। ପ୍ରାୟ ୪ କିଲୋମିଟର ଯିବା ପରେ ବଡ଼କୁଳ ରେଳଲାଇନ୍ ରେ ଏ. ସି. ବଗିଠାରୁ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଇଂଜିନ୍ ସହ ଲାଗିଥିବା ଡବାଗୁଡ଼ିକ ଘଟଣାସ୍ଥଳରୁ ପ୍ରାୟ ୨ କିଲୋମିଟର ଚାଲି ଯାଇଥିଲା। ଏଭଳି ଘଟଣା ପରେ ଅଲଗା ହୋଇ ପଛରେ ରହିଯାଇଥିବା ବଗିର ଯାତ୍ରୀ ମାନେ ଭୟଭୀତ ହୋଇଯାଇଥିଲେ । ଟ୍ରେନର କେତେକ ଯାତ୍ରୀ ଓ ଗାର୍ଡ ଏ ସଂକ୍ରାନ୍ତରେ ବାଲୁଗାଁ ଷ୍ଟେସନକୁ ସୂଚନା ଦେଇଥିଲେ। ସେଠାକାର ରେଳବାଇ କର୍ତୃପକ୍ଷ ଡ୍ରାଇଭରଙ୍କୁ ସୂଚନା ଦେବା ପରେ ସେ ଇଞ୍ଜିନ ପଛକୁ ଫେରଇବା ପରେ ରହି ଯାଇଥିବା ବଗିଗୁଡ଼ିକୁ ପୁଣି ସଂଯୋଗ କରାଯାଇଥିଲା ଓ ରେଳଗାଡ଼ି ତା'ର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା।

୩୫ ବର୍ଷ ହେବ ଇନ୍ଦିରା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ସ୍ମୃତିଚରଣ ଓ ପ୍ରସାଦ ସେବନ ଉତ୍ସବ ଯାଜପୁର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ

ଯାଜପୁର,୨।୧୧(ପି.ଏନ): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସ୍ୱର୍ଗତ ଇନ୍ଦିରା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ସମାଜସେବୀ ବାଇଧର ମହାପାତ୍ରଙ୍କ ନେତୃତ୍ୱରେ ଯାଜପୁରର ଜଗନ୍ନାଥ ମନ୍ଦିର ପରିସରରେ ଏକ ସ୍ମୃତି ଚରଣ ସଭା ଓ ପ୍ରସାଦ ସେବନ ଉତ୍ସବ ମହାସମାହାରୋରେ ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠିତ ଶ୍ରାଦ୍ଧ ଦିବସ ପ୍ରାରମ୍ଭରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସଙ୍ଗେ ବକ୍ତାମାନେ ତାଙ୍କର ଗୁଣଗାନ କରିଥିଲେ। ଏହାସହିତ ଉପସ୍ଥିତ ଜନତା ଛାତ୍ରଛାତ୍ରୀ ସମାଜସେବୀଗଣ, ଆଇନ୍‌ଜୀବିଗଣ ଶ୍ରଦ୍ଧା ସୁମନ ମଧ୍ୟରେ ଇନ୍ଦିରାଜୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ତାଙ୍କୁ ଭକ୍ତିପ୍ରଦାନ କରିଥିଲେ। ଏଥିସହ ତାଙ୍କର ଅମର ଆତ୍ମା ସଦ୍‌ଗତି ନିମନ୍ତେ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ଉକ୍ତ ଶ୍ରାଦ୍ଧ ସଭାରେ ଆଡ୍‌ଭୋକେଟ୍ ରାଜୀବ କୁମାର ମହାପାତ୍ର, ମହାବୀର ଜିମ୍‌ନାସିୟମ୍‌ର ସଂଗଠକ ନୀଳକଣ୍ଠ ମିଶ୍ର, ଯୁବନେତା ସନ୍ତୋଷ ବେହେରା, ନାରାୟଣ ସାମନ୍ତ, ରଘୁନାଥ ମାଝି, ରମେଶ ବେହେରା, ପ୍ରଶାନ୍ତ କଣ୍ଡ, ଉପେନ୍ଦ୍ର ଦଳେଇ, ଗଙ୍ଗାଧର ହୋତା, ରଘୁନାଥ ଦଳାଇ, ବିଜୟ ମହାପାତ୍ର,

ଗଜେନ୍ଦ୍ର ସେଠି, ସଂଜୀବ କୁମାର ମହାପାତ୍ର, ଦେବେନ୍ଦ୍ର ପଣ୍ଡା, ବିଦ୍ୟାଧର ବାରିକ, ବାବନ ବେହେରା, ରବି ରଣା ପରି ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶ୍ରାଦ୍ଧ ଦିବସରେ ଯୋଗଦେଇ ଥିଲେ। ଶ୍ରଦ୍ଧା ସୁମନ ସଭାପରେ ଛାତ୍ରଛାତ୍ରୀ ଗରିବ ଜନସାଧାରଣଙ୍କୁ ସମାଜସେବୀ ବାଇଧର ମହାପାତ୍ର ପ୍ରସାଦ ସେବ ପ୍ରଦାନ କରିଥିଲେ। ଏହି ଉତ୍ସବ ନିରବଚ୍ଛିନ୍ନ ଭାବରେ ୧୯୮୪ ମସିହା ଅକ୍ଟୋବର ୩୧ ତାରିଖ ଦିନ ଠାରୁ ଯାଜପୁର ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଆସୁଅଛି। ଏହି ଶ୍ରାଦ୍ଧ ସଭା ଓଡ଼ିଶା କାହିଁକି ଭାରତରେ ମଧ୍ୟ ବିରଳ ଅଟେ।

ସଂଘବଦ୍ଧ ଆକ୍ରମଣରେ ୱାର୍ଡ଼ ସଭ୍ୟ ଗୁରୁତର

ଗଞ୍ଜାମ, ୨।୧୧(ପି.ଏନ):ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା କରପଡ଼ା ପଂଚାୟତ ଅନ୍ତର୍ଗତ ଦେଓଖାଳି ଗ୍ରାମର ୱାର୍ଡ଼ ସଭ୍ୟ ଗଣପତି ପାତ୍ରଙ୍କୁ ଆଜି ସକାଳେ ସଂଘବଦ୍ଧ ଆକ୍ରମଣ ସହ ଛୁରାମାଡ଼ ହୋଇଛି । ଫଳରେ ସେ ଗୁରୁତର ହୋଇପଡିଛନ୍ତି । ଗୁରୁତର ଗଣପତିଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେ

ଟି ଟାଇମ୍

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ପୁରାଣ କାହାଣୀ

ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଙ୍ଗସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଡୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

ଓଲଟା ଚାଲିବାର ଅଭ୍ୟାସ

ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ନକ୍‌ସାଲ ପାଣ୍ଠି ପାଇଁ ଗଞ୍ଜେଇ ଚାଷ

ସମଗ୍ର ବିଶ୍ୱରେ ଏବେ ଆତଙ୍କବାଦ ସବୁଠାରୁ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ବେଳେ କେଉଁ ଦେଶରେ, କେଉଁଠି ଓ କେତେବେଳେ ବିସ୍ଫୋରଣ ହେବ କିମ୍ବା ଆତଙ୍କବାଦୀ ଆକ୍ରମଣ ହେବ ତାହା କେହି କହିପାରିବ ନାହିଁ । ଆଧୁନିକ ଟେକ୍‌ନୋଲୋଜିର ସହାୟତାରେ ଆତଙ୍କବାଦୀମାନେ ମଧ୍ୟ ହାଇଟେକ୍ ହୋଇଗଲେଣି । ଆତଙ୍କବାଦୀଙ୍କ ପ୍ରଶିକ୍ଷଣ ପାଇଁ ଯେମିତି ୟୁଟ୍ୟୁବ, ଅନଲାଇନ ମାଗାଜିନକୁ ମାଧ୍ୟମ କରାଯାଇଛି ଠିକ୍ ସେମିତି ଏହି କାର୍ଯ୍ୟପାଇଁ ଅନ୍ ଲାଇନ ଦେଣନେଣ ଦେଶ ଓ ବିଦେଶରୁ ଜାରିଥିବା ନେଇ ଏନଆଇଏ ଡିଜି ୱାଇସି ମୋଦି ଭୁବନେଶ୍ୱରରେ ପ୍ରକାଶ କରିଛନ୍ତି । ଶ୍ରୀ ମୋଦି ରାଜ୍ୟର ପ୍ରମୁଖ ପୁଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ଅବସରରେ ରାଜ୍ୟରେ ଏଥିପାଇଁ ପ୍ରଶିକ୍ଷିତ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବା ଉପରେ ଜୋର ଦେଇଥିଲେ । ରାଜ୍ୟର ପୁଲିସ ଭବନଠାରେ ଅନୁଷ୍ଠିତ ଆତଙ୍କବାଦ ସଂକ୍ରାନ୍ତୀୟ ମାମଲାର ଅନୁସନ୍ଧାନ ନେଇ ଉପସ୍ଥିତ ୧୦୦ ରାଜ୍ୟ ପୁଲିସ ଅଧିକାରୀମାନଙ୍କୁ ବୁଝାଇବାକୁ ଯାଇ ସେ କହିଲେ ଯେ ଆତଙ୍କବାଦ ଏବଂ ନକ୍ସଲବାଦ ବାହାର ଅର୍ଥରେ ବଞ୍ଚିଥାଏ । ଏମାନଙ୍କୁ ମିଳୁଥିବା ଅର୍ଥର ସ୍ରୋତଗୁଡିକୁ ବନ୍ଦ କରାଯାଇପାରିଲେ ସେମାନଙ୍କ ସଂଗଠନ ଦୁର୍ବଳ ହେବ । ଏହାର ଉଦାହରଣ ଦେବାକୁ ଯାଇ ସେ କହିଲେ ଯେ ଆସାମ ରାଜ୍ୟରେ ସକ୍ରିୟ ବୋଡୋଲାଣ୍ଡ ସନ୍ତ୍ରାସବାଦୀମାନଙ୍କ ମାମଲାର ତଦନ୍ତ କରାଯାଇ ଏନଆଇଏ ପକ୍ଷରୁ ଅନେକ ନେତା ଓ କର୍ମୀମାନଙ୍କୁ ଗିରଫ କରାଯିବା ପରେ ସେହି ସଂଗଠନ ଦୁର୍ବଳ ହୋଇଥିଲା । ସେମାନଙ୍କ ଅର୍ଥପ୍ରାପ୍ତିର ଉତ୍ସଗୁଡିକ ବନ୍ଦ ହେବାପରେ କାର୍ଯ୍ୟକରିବା ଏବଂ ସଂଗଠନର କର୍ମୀମାନଙ୍କ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇଛି । ଯଦି ଓଡଶା ପରିପ୍ରେକ୍ଷୀରେ ଆଲୋଚନା କରାଯାଏ ତେବେ ଦେଖିବାକୁ ମିଳିବ ଯେ ଅନଗୁଳ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଂଗପୁର ଆଜି ଜିଲ୍ଲାରୁ ଅଧିକ ପରିମାଣର ଗଞ୍ଜେଇ ରାଜ୍ୟର ଅନ୍ୟ ଜିଲ୍ଲାକୁ ଏବଂ ରାଜ୍ୟବାହାରକୁ ଚାଲାଣ କରାଯିବା ସମୟରେ ଧରାପଡୁଛି । ଏହାର କାରଣ ହେଲା ଏବେ ରାଜ୍ୟରେ ସକ୍ରିୟଥିବା ନକ୍ସାଲ ଉଗ୍ରବାଦୀମାନେ ଲୋକଙ୍କ ମଧ୍ୟରେ ସାଧାରଣ ଜୀବନ ନିର୍ବାହ କରିବା ସହ ସେମାନଙ୍କ ସହଯୋଗ ନେଇ ଗଞ୍ଜେଇ ଚାଷ କରୁଛନ୍ତି କିମ୍ବା କରାଉଛନ୍ତି । ଗଞ୍ଜେଇ ପ୍ୟାକେଟଗୁଡିକର ପରିବହନ ଏବଂ ଯୋଗାଣ ପାଇଁ ସେମାନେ କଲେଜ ଛାତ୍ରଛାତ୍ରୀ ଏବଂ ମହିଳାମାନଙ୍କୁ ଉପଯୋଗ କରୁଛନ୍ତି । ଓଡିଶାର ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଲୋକେ ଏବେ ଧାନ ଅପେକ୍ଷା ଗଞ୍ଜେଇ ଚାଷକୁ ଅଧିକ ପସନ୍ଦ କରୁଛନ୍ତି । ଏହି ଚାଷରୁ ଅଧିକ ଲାଭ ହେଉଥିବା ଯୋଗୁ ନକ୍ସାଲ ଏବଂ ସେମାନଙ୍କ ଲୋକେ ଗଞ୍ଜେଇ ଚାଷ କରିବାକୁ ଗ୍ରାମବାସୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଅନ୍ୟପକ୍ଷରେ ରାଜ୍ୟର ଦୁର୍ଗମ ଅଞ୍ଚଳଗୁଡିକରେ ଏପରିକି ପାହାଡ ଉପରେ ନକ୍ସଲମାନେ ନିଜ କ୍ୟାଡରମାନଙ୍କ ମାଧ୍ୟମରେ ଗଞ୍ଜେଇ ଉତ୍ପାଦନ କରି ପାଣ୍ଠି ସଂଗ୍ରହ କରୁଛନ୍ତି । ଏନ୍‌ଆଇଏ ଡିଜିଙ୍କ କହିବାନୁସାରେ ରାଜ୍ୟରେ ନକ୍ସାଲଙ୍କ ଗଞ୍ଜେଇ ପାଣ୍ଠି ସଂଗ୍ରହକୁ ନିୟନ୍ତ୍ରଣ କରାଯାଇପାରିଛି । ଏହାକୁ ବିଶ୍ୱାସ କରିବା ଆମପକ୍ଷରେ କଷ୍ଟକର । ତା' ହୋଇଥିଲେ ରାଜ୍ୟ କୋଣାନୁକୋଣରୁ ସବୁଦିନ ଏତେ ପରିମାଣର ଚେରା ଗଞ୍ଜେଇ ଚାଲାଣ ଧରାପଡୁନଥାନ୍ତା । ଆଫଗାନିସ୍ତାନର ତାଲିବାନ ସନ୍ତ୍ରାସବାଦୀଙ୍କ ପାଣ୍ଠିର ମୁଖ୍ୟସ୍ରୋତ ଯେପରି ଅଫିମ ଚାଷ ଉପରେ ଅଧିକ ନିର୍ଭରଶୀଳ ସେମିତି ଓଡିଶାର ଜଙ୍ଗଲରେ ସକ୍ରୀୟ ଥିବା ନକସାଲ ଉଗ୍ରବାଦୀଙ୍କ ପାଣ୍ଠି ମଧ୍ୟ ଗଞ୍ଜେଇ ଉପରେ ଅଧିକାଂଶ ମାତ୍ରାରେ ନିର୍ଭର କରିଥାଏ । ତେବେ ରାଜ୍ୟରେ କାର୍ଯ୍ୟରତ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଅପ୍ରକାଶ୍ୟରେ ନକସାଲ ବାହିନୀ ପାଇଁ ଲୋକମତ ସୃଷ୍ଟି, ଗଣମାଧ୍ୟମରେ ପ୍ରଚାର, ଅର୍ଥଯୋଗାଣ, ଲୁଚି ରହିବାରେ ସାହାଯ୍ୟ ଆଦି କରୁଛନ୍ତି । ସଫେଦ ସନ୍ତ୍ରାସୀବାଦୀ ସହରାଞ୍ଚଳରେ କାର୍ଯ୍ୟରତ ଲୋକଙ୍କୁ ଧରିବାପାଇଁ ରାଜ୍ୟ ପୁଲିସର ତତ୍ପରତା ଏଯାଏ ପ୍ରକାଶ ପାଇନାହିଁ । ନକ୍ସାଲମାନଙ୍କ ସହ ସଂପୃକ୍ତ ଥିବା ଶିକ୍ଷାନୁଷ୍ଠାନ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ମୋଟା ଅଙ୍କର ପାଣ୍ଠି ଯୋଗାଣରେ ବଡ ଭୂମିକା ନେଉଛନ୍ତି । କୋରାପୁଟରେ ପୂର୍ବେ ରାଜ୍ୟର ଏକ ପ୍ରମୁଖ ଇଞ୍ଜିନିୟରିଂ କଲେଜ ସମୂହ ଗୋଷ୍ଠୀର ଗାଡିରୁ ପ୍ରାୟ ୧୨ଲକ୍ଷ ଟଙ୍କା ପୁଲିସ ଜବତ କରିଥିଲା । ସେତେବେଳେ ସେହି ଅର୍ଥ ନକ୍ସାଲମାନଙ୍କ ନିକଟକୁ ଯାଉଥିବା ନେଇ ଖବରପ୍ରକାଶ ପାଇଥିଲା । ହେଲେ ପୁଲିସ ଅନୁସନ୍ଧାନର ରିପୋର୍ଟ ସାଧାରଣକୁ ଆସିପାରିଲା ନାହିଁ । ଏମିତି ନକ୍ସାଲଙ୍କୁ ଅର୍ଥ ଯୋଗାଣର ଉତ୍ସ ବିଷୟରେ ସୂଚନା ଥାଇ ମଧ୍ୟ ପାଣ୍ଠିରେ ଲଗାମ ଲଗାଇବା ସମ୍ଭବପର ହେଉନାହିଁ । ଖୋଦ୍ ପୁଲିସ ଡିଜି ଏ ବିଷୟକୁ ସ୍ୱୀକାର କରିଛନ୍ତି । ଭୁବନେଶ୍ୱରସ୍ଥିତ ଏସ୍‌ଟିଏଫ କାର୍ଯ୍ୟାଳୟରେ ଗଞ୍ଜେଇଚାଷର ନିୟନ୍ତ୍ରଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟ ବୈଠକରେ ପୁଲିସ ମହାନିର୍ଦ୍ଦେଶକ (ଡିଜି) ବିଜୟ କୁମାର ଶର୍ମା ଏଥିପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି । ତେବେ ଶ୍ରୀ ଶର୍ମା ପୁଲିସ ବିଭାଗର ପଦକ୍ଷେପ ନେଇ ସନ୍ତୁଷ୍ଟ ରହିଛନ୍ତି । ୨୦୧୭ ଏବଂ ୨୦୧୮ ବର୍ଷରେ ଲକ୍ଷ୍ୟଠାରୁ ଅଧିକ ପରିମାଣର ଗଞ୍ଜେଇଚାଷ ପୁଲିସ ନଷ୍ଟ କରିବାକୁ ସକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି । ଏହାର ପ୍ରମାଣ ଦେଇ ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରେ ୫୦୦ ଏକର ଗଞ୍ଜେଇଚାଷ ନଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ତାହା ୨୦୦୦ଏକରକୁ ଛୁଇଁଛି । ତେବେ ଏହି ଗଞ୍ଜେଇ ଚାଷ ଲୁଚାଛପାରେ ଯେ ହେଉଛି ତା ନୁହେଁ । ବନବିଭାଗ ଏବଂ ସରକାରୀ ଜମିରେ ଏହି ଚାଷ ହେଉଥିଲାବେଳେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ସେ ନେଇ ପ୍ରବର୍ତ୍ତନକାରୀ ସଂସ୍ଥାକୁ ସୂଚନା ଦେଉନଥିବା ହେତୁ ଅନେକ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବପର ହେଉନାହିଁ । ତେଣୁ ରାଜ୍ୟରେ ଗଞ୍ଜେଇ ଚାଷକୁ ନେଇ ଏବେ ସୁଦ୍ଧା ହୋଇଥିବା ଗିରଫ ସଂଖ୍ୟା ଆଶାନୁରୂପକ ନୁହେଁ ବୋଲି ଖୋଦ୍ ଶ୍ରୀ ଶର୍ମା ସ୍ୱୀକାର କରିଛନ୍ତି । ତେଣୁ ଗଞ୍ଜେଇ ଚାଷ ସଂକ୍ରାନ୍ତୀୟ ସୂଚନାକୁ ଲୁଚାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି । ସେ ତାଙ୍କ ବକ୍ତବ୍ୟରେ ସରକାରୀ ବିଭାଗୀୟ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଚେତାବନୀ ଶୁଣାଇଛନ୍ତି । ଏଥିରୁ ସ୍ପଷ୍ଟ ଯେ ଚେରଙ୍କ ସହ ସରକାରୀ କର୍ମଚାରୀମାନେ ମଧ୍ୟ ସାମିଲ ରହିଛନ୍ତି । ସେମାନଙ୍କ ଜ୍ଞାତସାରରେ ଏହି ଚାଷ ହେଉଥିଲେ ମଧ୍ୟ ସେମାନେ ନ ଜାଣିଲା ପରି ଚୁପ୍ ରହୁଛନ୍ତି ।

ଏକଥା ସତ ଯେ ରାଜ୍ୟର ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ୯ଟି ଜିଲ୍ଲାରେ ଅଧିକ ସଂଖ୍ୟାରେ ଗଞ୍ଜେଇଚାଷ ହେଉଛି । ସେହି ଜିଲ୍ଲାଗୁଡିକ ହେଲା ଅନୁଗୋଳ, ସମ୍ବଲପୁର, ଦେବଗଡ, ମାଲକାନଗିରି, ରାୟଗଡା, କୋରାପୁଟ, ବୌଦ୍ଧ, ଗଜପତି ଏବଂ କନ୍ଧମାଳ । ବିଶେଷକରି ଗ୍ରାମାଞ୍ଚଳରେ ଥିବା ସରକାରୀ ଜମି କିମ୍ବା ରିଜର୍ଭ ଫରେଷ୍ଟରେ ଏହିସବୁ ଚାଷ କରାଯାଉଛି । କାରଣ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ଗଞ୍ଜେଇ ଧରାପଡିଲେ ଚାଷ ଜମିର ମାଲିକ ଗିରଫ ହେବାର ସମ୍ଭାବନା ରହିଛି । ତେଣୁ ଲୋକେ ବନ ବିଭାଗ ଏବଂ ସରକାରୀ ଜମିକୁ ଚାଷପାଇଁ ଠିକ୍ ସ୍ଥାନ ବୋଲି ଧରିନେଇଛନ୍ତି । କାରଣ ଏହି ଜମିରେ ଚାଷ କଲେ ମାଲିକ ଧରାହେବାର ସମ୍ଭାବନା ନାହିଁ, ଯାହା ଗଛଗୁଡିକ ଖାଲି ନଷ୍ଟ ହେବ । ଏ ସଂକ୍ରାନ୍ତରେ ଗୁଇନ୍ଦା ତଥ୍ୟ ସଂଗ୍ରହ ଠିକଣା ଢଙ୍ଗରେ ହେଉନଥିବା ହେତୁ ରାଜ୍ୟରେ ଗିରଫଦାରୀ ସଂଖ୍ୟା କମ୍ ରହିଛି । ତେଣୁ ଗୁଗଲମ୍ୟାପର ସହାୟତା ନେବା ସହ ଏନ୍‌ଡିପିଏସ୍ ଆଇନର ଧାରା ୬୮ ଅନୁଯାୟୀ ପୁଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ଡିଜି କହିଛନ୍ତି । ଏହାଛଡା ଚେରା ନିଶା କାରବାର ମାଧ୍ୟମରେ ଠୁଳ ହୋଇଥିବା ସଂପତ୍ତିକୁ ବାଜ୍ୟାପ୍ତି କରାଯାଇପାରିବ । ପୁଲିସ ଅଧିକାରୀମାନେ ନିଜ ଅଞ୍ଚଳରେ ଚେରା ଗଞ୍ଜେଇଚାଷ ନଷ୍ଟ କରିବାକୁ ସଂକଳ୍ପବଦ୍ଧ ହେଲେ ହିଁ ବାସ୍ତବଲକ୍ଷ୍ୟ ପୂରଣ ହୋଇପାରିବ । ନଚେତ୍ ଆମେ ଯଦି ଧରିନେବା ଯେ ସାଧାରଣ ଲୋକେ ଏହାର ବିରୋଧକଲେ ପୁଲିସ ପଦକ୍ଷେପ ନେବ ତାହା ଏତେଟା ସହଜ ନୁହେଁ । କାରଣ ଏପ୍ରକାର ମାମଲାରେ ବିରୋଧ କରୁଥିବା ଲୋକମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ପାଇଁ ଅପରାଧୀମାନେ ପଛାଇ ନ ଥାନ୍ତି । ନିକଟରେ ଖଣ୍ଡପଡାଠାରେ ଜଣେ କଲେଜ ଛାତ୍ର ସ୍ଥାନୀୟ ଅଞ୍ଚଳରେ ନିଶା କରାବାରକୁ ବିରୋଧ କରିବା ହେତୁ ନିଶା ବ୍ୟବସାୟୀମାନଙ୍କ କ୍ରୋଧର ଶିକାର ହୋଇଥିଲେ । ସେ ନିଜ ଘରକୁ ଫେରୁଥିବା ସମୟରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ସେ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ । ଏବେ ମଧ୍ୟ ତାଙ୍କର ଚିକିତ୍ସା ଜାରିରହିଛି । ଏଠାରେ ଉଲ୍ଲେଖ କରିବା କଥା ହେଲା ଯେ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କ ସଂପୃକ୍ତି ଥିବା ପୁଲିସ ଦୃଷ୍ଟିକୁ ଆସିଥିଲା । ଅପରାଧୀମାନଙ୍କୁ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଏବଂ ଦିଲ୍ଲୀରୁ ପରେ ଗିରଫ କରାଯାଇଥିଲା । ଗତବର୍ଷ ରାଜ୍ୟରେ ୧ କୋଟି ୩୭ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯିବା ନେଇ ହିସାବ ରହିଛି । କିନ୍ତୁ ରାଜ୍ୟର ମାଓ ଅଧୁଷିତ ଅପହଞ୍ଚ ଇଲାକା, ଘଞ୍ଚ ଜଙ୍ଗଲ ଏବଂ ପାହାଡଗୁଡିକର ଉପରେ ସ୍ଥାନୀୟ ଲୋକେ ଗଞ୍ଜେଇ ଚାଷ କରିଆସୁଛନ୍ତି । ମାଓବାଦୀମାନଙ୍କ ଅର୍ଥ ସଂଗ୍ରହ ପାଇଁ ନିଶା ବ୍ୟବସାୟ ଏକ ବଡ ମାଧ୍ୟମ ହୋଇଛି । ଘଞ୍ଚ ଜଙ୍ଗଲରେ ମାଓବାଦୀମାନେ ଗ୍ରାମବାସୀଙ୍କୁ ଗଞ୍ଜେଇ ଚାଷରେ ନିଯୁକ୍ତ କରି ସୁରକ୍ଷା ପ୍ରଦାନ କରୁଛନ୍ତି । ସେସବୁ ଅଞ୍ଚଳକୁ ପୁଲିସ କିମ୍ବା ସାଧାରଣ ଲୋକେ ପ୍ରବେଶ କରିବାକୁ ନଥିବାରୁ ସେମାନେ ଅବାଧରେ ଗଞ୍ଜେଇଚାଷ ଜାରି ରଖିଛନ୍ତି । ରାଜ୍ୟ ସରକାର ରାଜ୍ୟରେ ଗଞ୍ଜେଇଚାଷକୁ ନିୟନ୍ତ୍ରଣ କରିବାକୁ ଏବେଠୁ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ତା' ନହେଲେ ଏହି ଚାଷରୁ ପାଣ୍ଠି ଯୋଗାଣ ହେଉଥିବ ଏବଂ ନକସାଲଙ୍କ ଅସ୍ତ୍ରକିଣା ଚାଲିଥିବ ।

ସୌମେନ୍ଦ୍ର ଜେନା,
ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର-୭୫୧୦୦୩

ଶିଶୁ ସାହିତ୍ୟିକ କୃଷ୍ଣଚନ୍ଦ୍ର

ପ୍ରଥମ ପିଢ଼ିର ଓଡ଼ିଆ ଶିଶୁ ସାହିତ୍ୟିକଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର କର ଅନ୍ୟତମ । କଟକ ଜିଲ୍ଲା ଅନ୍ତର୍ଗତ ମୂଳବସନ୍ତରେ ଜନ୍ମ ଏହି ସାହିତ୍ୟିକଙ୍କ ଘଟନାବହୁଳ ବାଲ୍ୟ କାଳ ମୁଖ୍ୟତଃ ଗ୍ରାମରେ କଟିଥିଲା । ଗ୍ରାମ୍ୟ ପରିବେଶ ହିଁ ତାଙ୍କୁ ଶୈଶବରେ ଲେଖକ ହେବା ପାଇଁ ଅନୁପ୍ରାଣୀତ କରିଥିଲା । ପିଲାବେଳୁ କୃଷ୍ଣଚନ୍ଦ୍ରଙ୍କ ସାହିତ୍ୟ ଅନୁରାଗ ତୁଳସୀ ଦୁଇପତ୍ରରୁ ପ୍ରମାଣିତ ହେଲାପରି ଜଣାପଡ଼ିଥିଲା । ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର କୃତୀତ୍ୱ ପ୍ରଶଂସିତ ହୋଇଥିଲା । ଅନେକ ପ୍ରତିକୂଳ ଭିତରେ ତାଙ୍କ ସାହିତ୍ୟ ରୁଚି ଓ ସୃଜନଶୀଳତାକୁ ଆଗେଇ ନେଇପାରିଥିଲେ । ଚାଟଶାଳୀରୁ ପରବର୍ତ୍ତୀ ଶିକ୍ଷା ପର୍ଯ୍ୟନ୍ତ ସେ ଅନେକ ଘାତପ୍ରତିଘାତକୁ ଧୈର୍ଯ୍ୟର ସହିତ ମୁକାବିଲା କରିଥିଲେ କିନ୍ତୁ କେବେ ହାର ମାନିନଥିଲେ । କଟକସ୍ଥିତ କଟକ ଟ୍ରେଡିଂ କମ୍ପାନୀରେ କୃଷ୍ଣଚନ୍ଦ୍ର କର୍ମମୟ ଜୀବନ ଆରମ୍ଭ କରିଥିଲେ । ପ୍ରକାଶନ ସଂସ୍ଥା ସହ ସଂପର୍କ, ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିଲା । କଟକ ଟ୍ରେଡିଂ କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରଥମ ଓଡ଼ିଆ ଶିଶୁ ପତ୍ରିକା ପଞ୍ଚାମୃତର ପ୍ରକାଶନ ସହ ସେ ସଂପୃକ୍ତ ଥିଲେ । ଏହାକୁ ଆକର୍ଷଣୀୟ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇଥିଲେ । ପରବର୍ତ୍ତୀ କାଳରେ ସେ ବାଳକୃଷ୍ଣ କରଙ୍କ ସାରସ୍ୱତ ପ୍ରେସ୍, ପଣ୍ଡିତ ନୀଳକଣ୍ଠଙ୍କ ନବ ଭାରତ ମୁଦ୍ରଣାଳୟ, ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ ଆଦିରେ କାର୍ଯ୍ୟ କରିଥିଲେ । କର୍ମମୟ ଜୀବନରେ ତାଙ୍କର ମୋଟ ୧୨୭ଟି ପୁସ୍ତକ ପ୍ରକାଶିତ ହୋଇଥିବା ଜଣାଯାଏ । ଏହି ତାଲିକାରେ ଅନେକ ପାଠ୍ୟ ପୁସ୍ତକ ଅନ୍ତର୍ଭୁକ୍ତ । ୧୯୭୨ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ହଜିଲା ଦିନର ସ୍ମୃତି ତାଙ୍କର ଆତ୍ମଚରିତ । ଏହି ଆତ୍ମଚରିତ ଅନେକ ଲୋକପ୍ରିୟ ହୋଇପାରିଥିଲା । ଏଥିରେ ନିଜ ବାଲ୍ୟବସ୍ଥା, ପ୍ରତିକୂଳ ଭିତରେ ବିତାଇଥିବା ଜୀବନ, ସାହିତ୍ୟ ରୁଚି ଓ ଅନେକ ସାରସ୍ୱତ ସାଧକଙ୍କ ସଂସ୍ପର୍ଶରେ ଆସିଥିବାରୁ ସେ ଅନୁଭୂତି ମଧ୍ୟ ଅତ୍ୟନ୍ତ ସାବଲୀଳ ଭାବରେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଯଦିଓ ଏହି ଆତ୍ମଚରିତର ପୁର୍ନସଂସ୍କରଣ ହୋଇନାହିଁ ତଥାପି ଏହାର ଆଦୃତି ରହିଛି । ୧୯୯୫ ନଭେମ୍ବର ମାସ ୨ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ତିରୋଧାନରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଏକ ଉଜ୍ଜ୍ୱଳତମ ତାରକାଙ୍କ ପ୍ରସ୍ଥାନ ଘଟିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ମୁକ୍ତି ପ୍ରତୀକ୍ଷାରେ ନିଶା କବଳିତ ସାରା ବିଶ୍ୱ

ଭୁବନେଶ୍ୱର (ପିଏନ୍) ସାମ୍ପ୍ରତିକ ସମାଜ ବିଭିନ୍ନ ସମସ୍ୟାରେ ପରିପୂର୍ଣ୍ଣ ଅଟେ । ଗୋଟିଏ ସମସ୍ୟାର ଅନ୍ତ ନ ହେଉଣୁ ଆଉ ଏକ ସମସ୍ୟା ମୁଣ୍ଡ ଟେକେ । ଏହି ସମସ୍ୟାଗୁଡିକ ମଧ୍ୟରେ ପ୍ରମୁଖ ସମସ୍ୟାଗୁଡିକ ହେଉଛି- ଦାରିଦ୍ର୍ୟ, ଅଶିକ୍ଷା, ବେରୋଜଗାରୀ, ଜାତିଗତ ହିଂସା ଓ ସ୍ୱାସ୍ଥ୍ୟ ସେବା ଇତ୍ୟାଦି । କିନ୍ତୁ ବର୍ତମାନ ଅବସ୍ଥାରେ ଆଉ ଏକ ଉତ୍କଟ ସମସ୍ୟା ଦେଖା ଦେଇଛି, ତାହା ହେଉଛି- ମଦ୍ୟପାନ ଏବଂ ଅନ୍ୟ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଓ ଅବୈଧ କାରବାର । ଜଣେ ନିଶା ସେବନକାରୀ ତା' ନିଜର ଯେ କେବଳ କ୍ଷତି ସାଧନ କରିଥାଏ, ତାହା ନୁହେଁ , ତା' ଉପରେ ନିର୍ଭର କରୁଥିବା ସମ୍ପୂର୍ଣ୍ଣ ପରିବାର ଏବଂ ପରିଶେଷରେ ବୃହତ ସମାଜର କ୍ଷତି ସାଧନ କରିଥାଏ । ତେଣୁ ସମାଜର ଅଧୋପତନ ପାଇଁ ଏହି ସମସ୍ୟାଟି ଏକ ପ୍ରମୁଖ କାରଣ । ଏହି ନିଶାଦ୍ରବ୍ୟର ବ୍ୟବହାର ଏବଂ ଅବୈଧ କାରବାର କେବଳ ଗୋଟିଏ ରାଷ୍ଟ୍ରରେ ସିମିତ ନୁହେଁ ବରଂ ଏହା ବିଶ୍ୱର ସମସ୍ତ ରାଷ୍ଟ୍ରକୁ କରାଗ୍ରସ୍ତ କରିସାରିଛି । ମନୁଷ୍ୟ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରିରୀକ କାରଣରୁ ନିଶାପାନକରି ନିଶାଗ୍ରସ୍ତ ହୋଇଥାଏ । ତା'ର ଦୈନନ୍ଦିନ ଜୀବନରେ ବିଡି, ପାନ, ସାଗାରେଟ୍ , ତମାଖୁ, ଭାଙ୍ଗ, ଗଞ୍ଜେ, ଅଫିମ, ମଦ, ହେରୋଇନ୍, ବ୍ରାଉନ୍‌ସୁଗାର ଓ ମଫିନ୍ ଆଦି ଉତ୍କଟ ମାଦକଦ୍ରବ୍ୟ ସେବନ କରିଥାଏ । ଏହି ସବୁ ମାଦକଦ୍ରବ୍ୟର ସେବନ ଧିରେ ଧିରେ ଅଭ୍ୟାସରେ ପରିଣତ ହୋଇଥାଏ । ଏଠାରେ ଏକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି , ଲୋକମାନେ ଏ ସବୁ ମାଦକଦ୍ରବ୍ୟ କାହିଁକି ସେବନ କରିଥା'ନ୍ତି ? ଏହାର କାରଣ ବିଭିନ୍ନ ପ୍ରକାର ହୋଇପାରେ, ପିଲାଦିନେ ସାଙ୍ଗମାନଙ୍କ ପ୍ରେରଣା କିମ୍ବା କୁସଙ୍ଗ, ଶାରିରୀକ କଷ୍ଟ ଲାଘବ ଇତ୍ୟାଦି । ଏହାଛଡା ମାନସିକ କାରଣଗୁଡିକ ମଧ୍ୟରେ ପ୍ରମୁଖ ହେଉଛି-ମନର ଅସ୍ଥିରତା, ଦୁଃଖ, ଅସୁରକ୍ଷା ଭାବନା, ହିନମନ୍ୟତା, ଆତ୍ମକେନ୍ଦ୍ରିକତା, ପଳାୟନ ପଟ୍ଟିତା ଓ ଜୀବନର ଅସଫଳତା । ଏତଦ୍‌ବ୍ୟତିତ ଆଉ ଗୋଟିଏ କାରଣ ହେଉଛି- ନିଜର ଆଭିଜାତ୍ୟ ପ୍ରଦର୍ଶନ କରିବା । ନିଶା କହିଲେ, ଲୋକମାନେ ସାଧାରଣତଃ ମଦ, ଗଞ୍ଜେଇ, ଅଫିମ, ଭାଙ୍ଗ, ବିଡି, ସିଗାରେଟ୍ ଇତ୍ୟାଦିକୁ ବୁଝିଥାନ୍ତି । କିନ୍ତୁ ନିଶାଦ୍ରବ୍ୟର ପ୍ରକାର ଭେଦ ଓ ତା'ର ବ୍ୟବହାରରେ କେତେକ ବିବର୍ତନ ଘଟିଛି, ତାହା ଲୋକମାନଙ୍କ ପାଖରେ ଦୁର୍ବୋଧ । ଯେପରିକି ଉପରୋକ୍ତ ନିଶାଦ୍ରବ୍ୟ ବ୍ୟବହାର ବ୍ୟତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୯, ନଭେମ୍ବର ୦୩

ସଡ଼କ ଖାଉଛି ଜୀବନ

ସଡ଼କ ଦୁର୍ଘଟଣା ବର୍ତ୍ତମାନ ଉଦ୍‌ବେଗଜନକ ହାରରେ ବୃଦ୍ଧି ପାଇବାରେ ଲାଗିଛି । ସଡ଼କ ପଥର ଉନ୍ନୟନ ପାଇଁ କୋଟି କୋଟି ଟଙ୍କାର ଯୋଜନା ଓ ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥା ମଧ୍ୟ ଫେଲ୍ ମାରୁଛି । ଲୋକଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ପାଇଁ ଜାତୀୟ ରାଜପଥର ଦ୍ରୁତ ସମ୍ପ୍ରସାରଣ ସହ ନୂଆ ରାଜପଥ ନିର୍ମାଣ କରାଯିବା ସହ ଯାତାୟାତ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଫ୍ଲାଇଓଭର ବ୍ରିଜ ଓ ସ୍ୱତନ୍ତ୍ର ଭାବେ ଏକ୍ସପ୍ରେସ୍ ହାଇୱେ ନିର୍ମାଣ କାର୍ଯ୍ୟ ଚାଲିଛି । ସେହିପରି ସଡ଼କ ପଥର ଉନ୍ନତ ମାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି । ଦ୍ରୁତତର ଯାନବାହନ ଚଳାଚଳର ନିୟନ୍ତ୍ରଣ ପାଇଁ ବିଭିନ୍ନ ଅତ୍ୟାଧୁନିକ ବ୍ୟବସ୍ଥା ପୋଲିସ ଓ ମୋଟର ଭେହିକଲ୍ ଡିପାର୍ଟମେଣ୍ଟକୁ ପ୍ରଦାନ କରାଯିବା ସହ ଦୁର୍ଘଟଣାଗ୍ରସ୍ତମାନଙ୍କୁ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ପେଟ୍ରୋଲିଂ ଗାଡ଼ି ସହ ସ୍ୱାସ୍ଥ୍ୟ ବ୍ୟବସ୍ଥା ଥିବା ବିଭିନ୍ନ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦିଆଯାଇଛି । ତେବେ ଏହା ସତ୍ତ୍ୱେ ଭାରତର ରାଜପଥ ଓ ଜାତୀୟ ରାଜପଥଗୁଡ଼ିକ ମୃତ୍ୟୁଯନ୍ତା ପାଲଟିଛି । ଦୁଭାଗ୍ୟଜନକ ପ୍ରସଙ୍ଗ ହେଉଛି ସମୁଦାୟ ଦୁର୍ଘଟଣା ଜନିତ କାରଣକୁ ପରବର୍ତ୍ତୀ ସମୟରେ ଅନୁସନ୍ଧାନ କଲାପରେ ଜଣାପଡୁଛି ଯେ ମଦପିଇ ବା ନିଶାସକ୍ତଜନିତ ଦୁର୍ଘଟଣା ସର୍ବାଧିକ ଭାବେ ୧୪ ପ୍ରତିଶତ ହେଉଥିବା ବେଳେ ଟ୍ରାଫିକ୍ ବ୍ୟବସ୍ଥାର କୁପରିଣତି ପାଇଁ ୭ ଭାଗ ଦୁର୍ଘଟଣା ଘଟୁଛି । ସାଧାରଣତଃ ସଡ଼କର ଅବସ୍ଥା ଖରାପ । ଟ୍ରାଫିକ୍ ନିୟମର ଅବହେଳା, ନିଶାସକ୍ତ ଭାବେ ଗାଡ଼ି ଚଳାଇବା, ଅପରାଧୀମାନେ ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଗାଡ଼ି ଚାଳନା ନ ଜାଣିଥିବା ଅନଭିଜ୍ଞ ଚାଳକଙ୍କ ଦ୍ୱାରା ଗାଡ଼ି ଚାଳନା, ଟ୍ରାଫିକ୍ ପୋଲିସ୍‌ର ଅନ୍ୟମନସ୍କତା ଓ ସ୍ଥଳବିଶେଷରେ ଟ୍ରାଫିକ୍ ପ୍ରତିବନ୍ଧକ ନ ରହିବା ଯୋଗୁଁ ସଡ଼କ ଦୁର୍ଘଟଣା ସଂଘଟିତ ହୋଇଥାଏ । ତେବେ ସବୁଠାରୁ ଉଦ୍‌ବେଗଜନକ ଘଟଣା ହେଉଛି ଦୁର୍ଘଟଣା ସମୟରେ ଦୁର୍ଗତମାନଙ୍କୁ ଜରୁରୀକାଳୀନ ମେଡ଼ିକାଲ ସେବା ବ୍ୟବସ୍ଥା ଯୋଗାଇବା ପାଇଁ ସେପରି ଆଶୁପ୍ରଦ ବ୍ୟବସ୍ଥା ଭାରତବର୍ଷରେ ନାହିଁ । କିନ୍ତୁ ପୃଥିବୀର ସମସ୍ତ ବିକାଶଶୀଳ ରାଷ୍ଟ୍ରରେ ଏ ନେଇ ପ୍ରଶାସନିକ ଭାବରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ସମସ୍ତ ରାଜପଥରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଥିବା ଆମ୍ବୁଲାନ୍ସ ପ୍ରଚଳିତ ରହିଛି । ନିକଟଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ 'ଗ୍ଲୋବାଲ୍ ଷ୍ଟାଟସ୍ ରିପୋର୍ଟ ଅନ୍ ରୋଡ଼ ସେଫଟି'ରେ ଦର୍ଶାଯାଇଛି ଯେ ଭାରତରେ ସଡ଼କ ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସର୍ବନିମ୍ନ ସ୍ତରରେ ରହିଛି । ତେବେ ଲୋକପ୍ରିୟ ନିଷ୍ପତ୍ତିକ୍ରମେ ଦ୍ୱୈତ ନଗରୀରେ ପୋଲିସ କମିଶନରେଟ୍ ପକ୍ଷରୁ ସଡ଼କ ସୁରକ୍ଷାକୁ ସର୍ବାଦୌ ଗୁରୁତ୍ୱ ଦିଆଯାଇ ଗାଡ଼ିଚାଳକ ଓ ଯାତ୍ରୀଙ୍କ ଧନଜୀବନ ନିରାପତ୍ତାକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ଦ୍ରୁତ ଗାଡ଼ିଚାଳନା, ନିଶାସକ୍ତଙ୍କ ଡ୍ରାଇଭିଂ, ପୋଲିସ ପେଟ୍ରୋଲିଂ, କାନରେ ଫୋନ୍ ଧରି ଗାଡ଼ି ଚଳାଇବା, ଓଭରଟେକ୍ ବ୍ୟବସ୍ଥା ସହ ଆହତ ଯାତ୍ରୀଙ୍କୁ ଦୁର୍ଘଟଣାଜନିତ କ୍ଷେତ୍ରରୁ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଯିବାକୁ ଗୁରୁତ୍ୱ ଦିଆଯାଇଛି ଏବଂ ଚାରିଚକିଆ ଯାନର ବିଶେଷକରି କାର୍‌ଚାଳକଙ୍କ ପାଇଁ ଯେଉଁ ସେଫଟି ସିଟ୍ ବେଲ୍ଟ ବ୍ୟବସ୍ଥା ପ୍ରଚଳନ କରିଛନ୍ତି ତାହା ବିଳମ୍ବରେ ହେଲେ ବି ଆଶ୍ୱାସନାର ବିଷୟ । ସେହିପରି ସଡ଼କ ନିରାପତ୍ତା କେବଳ ସମ୍ଭବ ହେବ ସମନ୍ୱିତ ଭାବେ ଟ୍ରାଫିକ୍ ନିୟମ କାର୍ଯ୍ୟକାରୀ କରାଯିବା ସହ ସଡ଼କ ବ୍ୟବହାରକାରୀଙ୍କୁ ସଚେତନତା ଦ୍ୱାରା । ସମ୍ପ୍ରତି ଆମ ଦେଶରେ ୭୦୫୪୮ କି.ମି. ସଡ଼କ ରହିଥିବା ବେଳେ ସେଥିମଧ୍ୟରୁ ୪୨୪୬୯ କି.ମି. ରାଜ୍ୟଗୁଡ଼ିକର ପବ୍ଲିକ୍ ୱାର୍କସ ଡିପାର୍ଟମେଣ୍ଟ ଅଧୀନରେ ରହିଛି । ୧୯୫୬୯ କି.ମି. ଜାତୀୟ ରାଜପଥ ଅଧୀନରେ ରହିଛି । ୩୯୯୨ କି.ମି. ସୀମାନ୍ତ ରୋଡ଼ ଅର୍ଗାନାଇଜର ସଂଗଠନ ଅଧୀନରେ ରହିଥିବା ବେଳେ ୪୪୯୧ କି.ମି. ସଡ଼କରେ ଦାୟିତ୍ୱ କୌଣସି ସଂସ୍ଥାକୁ ଦିଆଯାଇନାହିଁ । ସୂଚନାଯୋଗ୍ୟ ଭାରତୀୟ ଭୂପୃଷ୍ଠ ପରିବହନ ବିଭାଗ ତରଫରୁ ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ସମ୍ପ୍ରତି ସଡ଼କରେ ଚାଳିତ ସମୁଦାୟ ଗାଡ଼ି ଓ ପଥଚାରୀଙ୍କ ପରିସଂଖ୍ୟାନ ହେଉଛି ଏଇଆ ଯେ ସମୁଦାୟ ଯାତାୟାତ ଭିତରୁ ୩.୭% ବସ୍ ଟ୍ରକ୍ ହୋଇଥିଲା ବେଳେ ୫.୩ ଭାଗ ଅଟୋ ଭ୍ୟାନ୍ । କାର୍ ଓ ଜିପ୍ ୧୭.୧, ତିନିଚକିଆ ଯାନ ୫.୭ ଓ ସବୁଠାରୁ ଅଧିକ ଚଳାଚଳ କରୁଥିବା ଦୁଇଚକିଆ ଯାନର ଭାଗ ହେଉଛି ୨୧.୮ । ସେହିପରି ଅବଶିଷ୍ଟାଂଶ ୮.୮ ଭାଗ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଥିବାବେଳେ ୮.୮ ଭାଗ ପଥଚାରୀ ଯାତାୟାତ କରିଥାନ୍ତି । ସଡ଼କଗୁଡ଼ିକର ମାନ ଧାର୍ଯ୍ୟ ଅନୁସାରେ ପୂର୍ଣ୍ଣ ହୋଇପାରୁନାହିଁ । ଯାହା ପାଇଁ ଦୈନନ୍ଦିନ ଯାତାୟାତ କରୁଥିବା ସାଧାରଣ ପଥଚାରୀଠାରୁ ସାଇକେଲ ଆରୋହୀ ଓ ମୋଟର ବାଇକ୍ ଚାଳକଙ୍କ ମଧ୍ୟରେ ସହରାଞ୍ଚଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ୮୪ ପ୍ରତିଶତରେ ପହଞ୍ଚିଥିବାବେଳେ ଜାତୀୟ ରାଜପଥରେ ଏହି ହାର ୯୭ ପ୍ରତିଶତରେ ପହଞ୍ଚୁଛି । ବିଶ୍ୱବ୍ୟାଙ୍କ ଭାରତରେ ବର୍ତ୍ତମାନ ନିର୍ମାଣ କରାଯାଉଥିବା ନୂତନ ଜାତୀୟ ରାଜପଥଗୁଡ଼ିକର ନିରାପତ୍ତା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ନୂତନ ସଡ଼କଗୁଡ଼ିକରେ ଯାନବାହନଗୁଡ଼ିକର ଦ୍ରୁତଗତିରେ ଯାତାୟାତ ପାଇଁ ଅନୁମତି ଦିଆଯାଉଥିବାବେଳେ ପଥଚାରୀ, ସାଇକେଲ୍ ଚାଳକ ଓ ଦୁଇଚକିଆ ଚାଳକମାନଙ୍କ ନିରାପତ୍ତା ବ୍ୟବସ୍ଥା ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ । ସେହିପରି ବାସଗୃହ ନ ଥିବା ଓ ଫୁଟ୍‌ପାଥ୍‌ରେ ରହୁଥିବା ସାଧାରଣ ଲୋକଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟ ଉଦ୍‌ବେଗଜନକ ଭାବେ ଆଶଙ୍କା ଭିତରକୁ ଠେଲି ଦେଉଛି । ତେବେ ସଚେତନତା ସହ ସଡ଼କ ପରିବହନ କ୍ଷେତ୍ରରେ ସାଧାରଣ ପଥଚାରୀଠାରୁ ଯାନବାହନ ଚାକକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ପ୍ରାଥମିକତା ଦେବା ସର୍ବାଦୌ ବାଞ୍ଛନୀୟ ।

ଆଜିର ଅନୁଚିନ୍ତା

ଗଛ ମୂଳରେ ଛିଡ଼ାହୋଇ ଗଛକୁ କାଟୁଥିବା ବ୍ୟକ୍ତିକୁ ମଧ୍ୟ ସେହି ଗଛ ଛାୟା ପ୍ରଦାନ କରିବାରୁ ବିରତ ହୁଏ ନାହିଁ ।

ଜୀବନର ଶିକ୍ଷା

ଜନୈକ ବ୍ୟବସାୟୀ ବ୍ୟବସାୟ କରି ଘରକୁ ଫେରୁଥାନ୍ତି । ପାଖରେ ଥାଏ ମୂଲ୍ୟବାନ ହୀରା, ସୁନା ଆଦି ଦ୍ରବ୍ୟ । ଘରକୁ ଫେରିବା ସମୟରେ ଜଣେ ଶୁଭଚିନ୍ତକ ଦୀର୍ଘପଥ ଅତିକ୍ରମ କରିବାକୁ ଥିବାରୁ ସାଥୀରେ ପାନୀୟଜଳ ନେବାପାଇଁ ଉପଦେଶ ଦେଇଥିଲେ ମଧ୍ୟ ବ୍ୟବସାୟୀ ଏଥିପ୍ରତି କର୍ଣ୍ଣପାତ କରି ନଥିଲେ । ଦୁର୍ଯୋଗବଶତଃ ଫେରିବାବେଳେ ବାଟ ଭୁଲିଗଲେ । ଏଣେତେଣେ ବୁଲିବୁଲି କ୍ଳାନ୍ତ ହୋଇପଡ଼ିଲେ । ତୃଷାରେ ଅବସନ୍ନ ହୋଇପଡ଼ିଲେ । ଜୀବନକୁ ଠିକ୍ ଭାବରେ ବୁଝି ନ ପାରି କେବଳ ଧନସଂଗ୍ରହରେ ଲାଗିଥିବା ବ୍ୟବସାୟୀ ଏବେ ଅନୁଭବ କଲେ ଯେ ହୀରା, ସୁନାଠାରୁ କଠିନ ସମୟରେ ପାଣି ମୁନ୍ଦେ ଢେର ଅଧିକ ମୂଲ୍ୟବାନ । ଜୀବନକୁ ଉପଲବ୍ଧି କରି ନଥିବା ଲୋକେ ହିଁ ଏଭଳି ଦୁର୍ଦ୍ଦଶା ଭୋଗିଥାନ୍ତି । ନିଜକୁ ଉପଲବ୍ଧି କରିବା, ନିଜର ଶକ୍ତି, ସାମର୍ଥ୍ୟ ସମ୍ପର୍କରେ ସଚେତନ ହେବା ହିଁ ସବୁଠାରୁ ଜରୁରୀ । ଏ ସମ୍ପର୍କରେ ନିମ୍ନୋକ୍ତ ରୋଚକ କାହାଣୀ ।



ସିଂହଶାବକଟିଏ ଥରେ ମାଆ ସହ ବୁଲୁବୁଲୁ କୌଣସି କାରଣବଶତଃ ବିଚ୍ଛିନ୍ନ ହୋଇଯାଇଥିଲା । ଇତସ୍ତତଃ ବୁଲୁଥିଲାବେଳେ ଜଙ୍ଗଲ ଉପକଣ୍ଠରେ ଛେଳିପଲ ଦେଖି ସେମାନଙ୍କ ନିକଟକୁ ଆସିଲା ଓ ତାଙ୍କ ସହିତ ମିଶିଗଲା । ସିଂହ ଶାବକଟି ଛେଳିପଲ ଭିତରେ ରହି ଛେଳି ସଦୃଶ ହୋଇଗଲା । ନା ସେ ଭୟଙ୍କର ଗର୍ଜନ କରିପାରୁଥିଲା ନା ପଶୁ ଶିକାର କରିବାରେ ସକ୍ଷମ ହେଉଥିଲା ? ନିଜର ସାମର୍ଥ୍ୟ ଦେଖାଇବାରେ, ନିଜକୁ ଉପଲବ୍ଧି କରିବାରେ ସେ ଅସମର୍ଥ ଥିଲା ଯେହେତୁ ଛେଳିପଲ ଭିତରେ ଜୀବନ ଅତିବାହିତ କରୁଥିଲା । ଦିନେ ସ୍ୱ ଜାତିର ଏକ ସିଂହ ଛେଳିପଲ ଭିତରେ ସିଂହ ଶାବକଟି ବୁଲୁଥିବାର ଦେଖିପାରିଲା । ସେ ଜାଣିପାରିଲା ଯେହେତୁ ଛେଳିପଲ ଭିତରେ ରହିଛି, ତେଣୁ ତା'ର ଆଚରଣ ବଦଳିଯାଇଛି । ସିଂହଟି ଭୟଙ୍କର ଗର୍ଜନ କଲା । ଛେଳିପଲ ଜୀବନ ବିକଳରେ ସେଠାରୁ ଦୌଡ଼ି ପଳାଇଲେ, କିନ୍ତୁ ସିଂହ ଶାବକଟି ସେହିଠାରେ ହିଁ ଛିଡ଼ାହୋଇ ରହିଲା । ସିଂହଟି ପାଖକୁ ଆସି ତାକୁ ବୁଝାଇଲା-ତୁ ଛେଳିପଲ ଭିତରେ ବୁଲୁଥିଲେ ବି ଛେଳି ନୁହେଁ, ସିଂହଛୁଆ । ମୋର ଗର୍ଜନରେ ଛେଳିପଲ ପଳାଇଲେ । ତୁ କିନ୍ତୁ ଗଲୁନାହିଁ ଏଇଥିପାଇଁ ଯେ ତୋ ଭିତରେ ସିଂହର ପ୍ରବୃତ୍ତି ଏବେ ବି ଭରି ରହିଛି । ସିଂହଟି ତାକୁ ପାଣିପାଖକୁ ନେଇଗଲା । ଦୁହେଁ ଜଳ ନିକଟରେ ଛିଡ଼ା ହେଲେ । ସିଂହଟି ସିଂହଛୁଆକୁ କହିଲା-ଦେଖ ତୋର ଓ ମୋର ଚେହେରା ଏକାଭଳି କି ନୁହେଁ ? ତୁ ସିଂହଭଳି ଗର୍ଜନ କର ଓ ମୋ ସହ ଆସ । ନିଜକୁ ଚିହ୍ନ, ସେଇ ପ୍ରକାରେ ଜୀବନ ବିତା, ଯାହା ତୋ ପାଇଁ ଉଦ୍ଦିଷ୍ଟ । ଏହାର ପ୍ରତୀକାତ୍ମକ ଅର୍ଥ ମାୟାମୋହ, କ୍ରୋଧ, ହିଂସା, ଦ୍ୱେଷ ଆଦି ବିକାରରେ ଫସିଯାଇ ଦିବ୍ୟଗୁଣସଂପନ୍ନ ମଣିଷ ସିଂହପଲରେ ଛେଳିଛୁଆ ରହି ଆଚରଣ କଲାଭଳି ଆତ୍ମବିସ୍ମୃତ ହୋଇ ପରମାତ୍ମାଙ୍କଠାରୁ ଦୂରେଇ ଯାଉଛି । ସେ ଭୁଲିଯାଉଛି ଯେ ସେ ପରମାତ୍ମାଙ୍କର ଅଂଶବିଶେଷ । ନିଜକୁ ଉପଲବ୍ଧି କରି ଜିଇ ରହିବାରେ ହିଁ ଜୀବନର ସାର୍ଥକତା, ଏହା ହିଁ ଜୀବନର ଶିକ୍ଷା ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଡାକୁ ସମସ୍ୟା ଓ ବିଘାକଠା

ମନମୋହନ ଚୌଧୁରୀଙ୍କ ଆତ୍ମକଥା
କସ୍ତୁରୀ ମୃଗ ସମ

୧୯୫୩-୫୪ ଭୂଦାନ, ୧୯୬୧ର ବିଘାକଠା, ୧୯୬୫ରେ ଆରମ୍ଭ ହେଇଥିବା ଗ୍ରାମଦାନ ତୋଫାନ ଓ ତା'ପରେ ରାଜ୍ୟଦାନ ଉଦ୍ୟମରେ ପ୍ରକୃତରେ ବିହାରର ଅନ୍ଦିସନ୍ଧିରେ ଚହଳ ପଡ଼ିଯାଇଥିଲା ଓ ଏକ ବ୍ୟାପକ ଜନଆନ୍ଦୋଳନର ପାଗଯୋଗ ପ୍ରସ୍ତୁତ ହେଇ ଆସିଥିଲା । ଅଥଚ ସେଭଳି ଏକ ଜନଆନ୍ଦୋଳନ କାହିଁକି ଦାନା ନ ବାନ୍ଧିଲା, ତାହା ଏକ ଗୁରୁତର ଅନୁସନ୍ଧାନର ବିଷୟ । ସେ ବିଷୟରେ ପରେ ଅଧିକ ଆଲୋଚନା କରିବି ।

ସର୍ବ ସେବା ସଂଘର ଦାୟିତ୍ୱ : ଆସାମରେ ବହୁତ ଦିନ କଟାଇ ବିନୋବା ପନ୍ଦର ଦିନ ପାଇଁ ସେତେବେଳର ପୂର୍ବ ପାକିସ୍ଥାନରେ ପ୍ରବେଶ କଲେ । ବିନୋବା ପୂର୍ବ ପାକିସ୍ଥାନରେ ପ୍ରବେଶ କରିବା ସମୟରେ ହିଁ ତାମିଲନାଡୁର ମଦୁରେଇ ନିକଟରେ ସର୍ବ ସେବା ସଂଘର ଏକ ବୈଠକ ଚାଲିଥିଲା । ସେଠି ହଠାତ୍ ଖିଆଲ୍ ହେଲା ଯେ, ବିନୋବାଙ୍କ ସାଙ୍ଗରେ ସଂଘ ପକ୍ଷରୁ କେହି ନାହାନ୍ତି, କେହି ଜଣେ ରହିବା ଚାହି । ମତେ ସେଥିପାଇଁ ବଛା ହେଲା ଓ ସେଠୁ ସାରାରାତି ଉଡ଼ାଜାହାଜ ଯୋଗେ କଲିକତା ରମାନା କରିଦିଆହେଲା ।

କଲିକତାରେ ମୁଁ ପ୍ରଫୁଲ୍ଲ ସେନ୍‌ଙ୍କର ସହାୟତାରେ ପାସ୍‌ପୋର୍ଟ ଦି' ଦିନରେ ପାଇଗଲି, ମାତ୍ର ଭରସା ଦେବାକୁ ପାକିସ୍ଥାନୀ କନ୍‌ସଲେଟ୍ ଟାଳଟୁଳ କଲେ । ଜଣେ ବଙ୍ଗଳାର ଅଫିସର୍ ମତେ ଭେଟି ଖୁବ୍ ମିଠାମିଠା କଥା କହୁଥା'ନ୍ତି, ମାତ୍ର ଆଜିକାଲି କରି ଚାଲୁଥା'ନ୍ତି । ଶେଷକୁ ଭିସା ମିଳିବାର ଆଶା ନାହିଁ ବୋଲି ଜାଣି ମୋର ପୂର୍ବ ପାକିସ୍ଥାନ ଯିବା ଉଦ୍ୟମ ଛାଡ଼ିଦିଆହେଲା । ପୂର୍ବ ପାକିସ୍ଥାନକୁ ଫେରି ବିନୋବା ପଶ୍ଚିମବଙ୍ଗକୁ ଆସିଲେ । ଏହି ସମୟରେ ଉତ୍ତର-ପୂର୍ବ ସୀମାନ୍ତରେ ଚୀନ୍ ସହିତ ସଂଘର୍ଷ ଲାଗିଲା ଓ ବିନୋବା ସୁଲଭ ଗ୍ରାମଦାନର ଡାକରା ଦେଲେ ଏବଂ ଗ୍ରାମଦାନକୁ ''ଦେଶରକ୍ଷା ବ୍ୟବସ୍ଥା''– ଡିଫେନ୍‌ସ ମେଜର୍ ବୋଲି ବୁଝାଇଲେ । ଏଇ ୧୯୬୨ ନଭେମ୍ବରରେ ଅଖିଳ ଭାରତ ସର୍ବୋଦୟ ସମ୍ମିଳନୀ ଗୁଜରାତର ଓ୍ୱେଡ଼ଛିଠାରେ ହେବାର ଥାଏ । ଦାଦା ୧୯୬୧ରୁ ସର୍ବ ସେବା ସଂଘର ଅଧ୍ୟକ୍ଷ ଥିଲା । ଏଥର ପୁଣି ଅଧ୍ୟକ୍ଷ ନିର୍ବାଚନ ହେବାର କଥା । ଉତ୍ତରବଙ୍ଗର କୌଣସି ଏକ ଗାଁରେ ବିନୋବାଙ୍କ ନିକଟରେ ସଂଘର ପ୍ରବନ୍ଧ ସମିତି ବୈଠକ ବସିଥିଲା । ସେଠି ଅଣଆନୁଷ୍ଠାନିକ ଭାବରେ ଏକଥା ଉଠିଲା । ଦାଦା ଆଗକୁ ଅଧ୍ୟକ୍ଷ ରହିବାକୁ ଅସ୍ୱୀକାର କଲା । କେହି ଜଣେ ମୋ' ନାଁ ପ୍ରସ୍ତାବ କଲେ । ମୁଁ ନିଜର ଆପତ୍ତି କରିବାକୁ ସୁଯୋଗ ନ ପାଉଣୁ ଜୟପ୍ରକାଶଜୀ ଓ ବିନୋବା ସେ ପ୍ରସ୍ତାବକୁ ସମର୍ଥନ କଲେ ଓ ମୋର ନାମ ଅଧ୍ୟକ୍ଷ ପଦପାଇଁ ପ୍ରସ୍ତାବ କରାଯିବ ବୋଲି ସ୍ଥିର ହେଲା ।

ସର୍ବ ସେବା ସଂଘ ଅଧିବେଶନରେ ଓ୍ୱେଡ଼ଛୀଠାରେ ମୋର ନିର୍ବାଚନ କିନ୍ତୁ ମୋର ଅନୁପସ୍ଥିତିରେ ହେଲା । ଓ୍ୱେଡ଼ଛୀ ଯିବା ବାଟରେ ଠାକୁରଦାସ ବଙ୍ଗଙ୍କ ଅନୁରୋଧକ୍ରମେ ମୁଁ ତାଙ୍କ ସାଙ୍ଗରେ ତାଙ୍କର ଶ୍ୱଶୁରଘର ଗାଁ ଏରଣ୍ଡୋଲ୍‌ରେ ଓହ୍ଲେଇଲି । ସେଠି ଜ୍ୱାଇଁ କୁଣିଆ ଆଦର ତ' ଯଥାଯୋଗ୍ୟ ପରିମାଣରେ ମିଳିଲା, ରାତିରେ ଏକ ସାଧାରଣ ସଭାର ଆୟୋଜନ ବି ହେଲା । ରାତି ବୋଲନ୍ତେ ମୁଁ ବିଚାରିଥାଏ ଯେ ସନ୍ଧ୍ୟା ସାତଟା ଖଣ୍ଡେ ବେଳକୁ ସଭା ଆରମ୍ଭ ହେବ । ମାତ୍ର ସଭାକୁ ଯିବାକୁ ପ୍ରସ୍ତୁତ ହେବାପାଇଁ କାହାରି କୌଣସି ତର ନ ଥିବାର ଦେଖି ମୁଁ ପଚାରି ବୁଝିଲି ଯେ, ସଭା ରାତି ଏଗାରଟାରେ ଆରମ୍ଭ ହେବ । ଏଇ ଏଠିକା ସଭା ସମୟ । ଆମେସବୁ ଖାଇସାରି ଧୀରେ ସୁସ୍ଥେ ସଭାକୁ ଗଲୁ । ଲୋକେ ବି ଖାଇପିଇ, ଗାଈଗୋରୁ କାମସାରି ଧୀରେ ସୁସ୍ଥେ ଆସିଲେ । ରାତି ଗୋଟାଏ ଖଣ୍ଡେ ଯାଏ ସଭା ଚାଲିଲା । ଭୋର ଚାରିଟାରେ ଗାଡ଼ି । ଷ୍ଟେସନ୍ ଛ' ନା ସାତ ମାଇଲ ବାଟ । ରାତି ଗୋଟାଏରେ ଶୋଇ ପୁଣି ନିଦ ଭାଙ୍ଗିଲା ବେଳକୁ ଗାଡ଼ି ବେଳ ଗଡ଼ିଗଲାଣି । ତା'ପରେ ଗାଡ଼ିରେ ଯାଇ ଉପରଓଳି ଓ୍ୱେଡ଼ଛୀ ପହଞ୍ଚିଲୁ । ସେତେବେଳକୁ ଅଧ୍ୟକ୍ଷ ନିର୍ବାଚନ ସରିଗଲାଣି ।

ବାୟାଚଢେଇ

ବୈକୁଣ୍ଠନାଥ ମହାପାତ୍ର

ପିଲାଦିନର ଅନେକ ସ୍ମୃତି ମଧ୍ୟରୁ ଯେଉଁ କେତୋଟି ମୋତେ ବେଳେବେଳେ ବ୍ୟଥିତ କରେ, ତା' ମଧ୍ୟରୁ ବାୟାଚଢେଇର ବସା ଅନ୍ୟତମ । କେଜାଣି କାହିଁକି ବାୟାଚଢେଇ ନାଁ ଶୁଣିବା ମାତ୍ରକେ ମନଟା ଟାଣି ହୋଇଯାଏ ପିଲାଦିନର ସେହି ଗାଁ ଗୋହିରି ଆଡ଼କୁ, ଯେଉଁଠାରେ କି ମାଳ ମାଳ ତାଳଗଛରେ ଭିନ୍ନ ଭିନ୍ନ ପ୍ରକାରର ବାୟାଚଢେଇ ବସା ପବନରେ ଦୋଳି ଖେଳୁଥାଏ । ସେମାନଙ୍କର କିଚିରିମିଚିରି ଶବ୍ଦ ସନ୍ଧ୍ୟା ଆଗମନର ସୂଚନା ଦିଏ । ସେହି ବସାଗୁଡ଼ିକ ଥିଲା ଅତି ସୁନ୍ଦର ଓ ଆକର୍ଷଣୀୟ । ସ୍କୁଲରୁ ଫେରିଲା ବେଳେ ବାଲ୍ୟ ଚପଳତାର ବଶବର୍ତ୍ତୀ ହୋଇ ଟେକାମାରି ବସା ଖସାଇବାକୁ ପ୍ରୟାସ ତ କରୁ । ହେଲେ ପ୍ରତିଥର ଅସଫଳ ହିଁ ହୋଇଥାଉ । ସେହି ଅସଫଳତା ମନରେ କୌଣସି ଦୁଃଖ ଆଣି ନ ଥାଏ । ତା' ପରଦିନ ପୁଣି ସେହି ପ୍ରୟାସ । ଏବେ ଆଉ ଆମ ଗାଁ ଗୋହିରିରେ ସେ ତାଳଗଛ ନାହିଁ । ଯାହା ବି ଗଛ ଅଛି ତା' ବରଡ଼ାରେ ଆଉ ବାୟାଚଢେଇ ବସା ଦେଖିବାକୁ ମିଳୁନାହିଁ । ଆମ ପିଲାମାନଙ୍କୁ ଦେଖାଇବାକୁ ନା ବାୟାଚଢେଇ ଅଛି ନା ତା'ବସା ଅଛି । କେତେବେଳେ କେମିତି ଇଣ୍ଟରନେଟରେ ବାୟା ଚଢେଇ ଓ ତା' ବସାର ଚିତ୍ର ଦେଖି ମନକୁ ସାନ୍ତ୍ୱନା ଦେଉଛି । ଗତବର୍ଷ ଆଦିବାସୀ ପ୍ରଦର୍ଶନୀରୁ ଗୋଟିଏ ହାତତିଆରି ବାୟାଚଢେଇ ବସା କିଣିଆଣି ଘରେ ରଖିଛି । ଗାଁ ଗହଳିରେ ବାୟାଚଢେଇକୁ ନେଇ ଅନେକ ଢଗ

ସିପିଆଇର ଦୁଇଦିନିଆ ସାଂଗଠନିକ ସମ୍ମିଳନୀ ଉଦ୍‌ଘାଟିତ

ବାଲେଶ୍ୱର,(ପିଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସାଂଗଠନିକ ସମ୍ମିଳନୀ ଶନିବାର ଅପରାହ୍ନରେ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ଉଦ୍‌ଘାଟିତ ହୋଇଛି । ଏହି ଦୁଇଦିନିଆ ସମ୍ମିଳନୀ ରବିବାରଦିନ ଅପରାହ୍ନରେ ଉଦ୍‌ଯାପିତ ହେବ । ଏହି ଦୁଇଦିନର ସମ୍ମିଳନୀରେ ପାର୍ଟିର ଜିଲ୍ଲା ସଂଗଠନକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଦେଶ ଓ ରାଜ୍ୟ ରାଜନୀତିରେ ଶ୍ରମିକ, କୃଷକ, କୃଷି ଶ୍ରମିକ, କ୍ଷୁଦ୍ରବ୍ୟବସାୟୀ, ଛାତ୍ର, ମହିଳା ଓ ବେକାରୀ ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରଣ କରାଯିବ । ଦରଦାମ୍ ବୃଦ୍ଧି ବିରୁଦ୍ଧରେ ଓ ବେକାରମାନଙ୍କୁ ନିଯୁକ୍ତି, ଅର୍ଥନୈତିକ ମାନ୍ଦାବସ୍ଥା, କୃଷିଋଣ ଛାଡ଼ ପ୍ରଭୃତି ସମସ୍ୟାକୁନେଇ ଆନ୍ଦୋଳନର କାର୍ଯ୍ୟକ୍ରମ ଗୃହୀତ ହେବ ।ସାଂଗଠନିକ ସମ୍ମିଳନୀର ଲାଲ୍ ପତାକାକୁ ବର୍ଷିୟାନ୍ କମ୍ୟୁନିଷ୍ଟ ବେଣୁଧର ବାରିକ ଉତ୍ତୋଳନ କରିଥିଲେ । ସି.ପି.ଆଇ. ରାଜ୍ୟ ସଂପାଦକ ଆଶୀଷ କାନୁନ୍‌ଗୋ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କେନ୍ଦ୍ରରେ ବି.ଜେ.ପି. ନେତୃତ୍ୱାଧୀନ ସରକାର ଓ କେନ୍ଦ୍ର ସରକାରଙ୍କୁ ଅଘୋଷିତଭାବେ ସମର୍ଥନ ଜଣାଉଥିବା ଓଡ଼ିଶାରେ ବିଜେଡ଼ିର ମିଥ୍ୟା ପ୍ରତିଶ୍ରୁତିରେ ଭୋଟରମାନେ ପ୍ରଭାବିତହୋଇ ଆଜି ପ୍ରତାରିତ ହୋଇଛନ୍ତି ବୋଲି ସେ କହିଥିଲେ । ସମ୍ମିଳନୀ ଆରମ୍ଭରେ ପୂର୍ବତନ ସାଂସଦ ତଥା ପ୍ରବୀଣ କମ୍ୟୁନିଷ୍ଟ ଗୁରୁଦାସ ଦାସଗୁପ୍ତା, ଓଡ଼ିଶାରେ କୃଷିଶ୍ରମିକମାନଙ୍କୁ ସଂଗଠିତ କରିଥିବା ପ୍ରହଲ୍ଲାଦ ସେଠୀ ଓ ଶ୍ରମିକନେତା ରତ୍ନାକର ମହାନ୍ତି ପ୍ରମୁଖଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସହସଂପାଦକ ଭାଗବତ ପ୍ରତିହାରୀ ଶୋକପ୍ରସ୍ତାବ ଆଗତ କରିଥିଲେ । ଜିଲ୍ଲା ସଂପାଦକ ନିରଞ୍ଜନ ବାରିକ ସାଂଗଠନିକ ଚିଠା ପ୍ରସ୍ତାବ ଆଗତ କରିବା ପରେ ଏହା ଉପରେ ପ୍ରତିନିଧିମାନେ ଆଲୋଚନା ଆରମ୍ଭ କରିଛନ୍ତି । ଏହା ୨ୟ ଦିନର ପ୍ରଥମ ଅଧିବେଶନରେ ଗୃହୀତ ହେବ । ଅଖିଳ ଭାରତ ଛାତ୍ରସଂଘର ପ୍ରତିନିଧିମାନେ ବୈପ୍ଳବିକ ସଂଗୀତ ଗାନ କରିଥିଲେ । ସମ୍ମିଳନୀର ସମସ୍ତ ଅଧିବେଶନରେ କୈଳାସ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ ଓ ବନ୍ଦନା ବିଶ୍ୱାସ ସଭାପତି ମଣ୍ଡଳୀ ଭାବେ ପରିଚାଳନା କରୁଛନ୍ତି । ପ୍ରାୟ ୮୨ଜଣ ପ୍ରତିନିଧି ଯୋଗ ଦେଇଛନ୍ତି ।

ବଲେଶ୍ୱରଠାରେ ଆସନ୍ତା ୨୧ ତାରିଖରୁ ଦୁଇ ଦିନିଆ ଜିଲ୍ଲା ଯୁବ ମହୋତ୍ସବ

ବାଲେଶ୍ୱର, ୨/୧୧(ପିଏନ): ଆସନ୍ତା ନଭେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ବ୍ୟାପୀ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ବାଲେଶ୍ୱର ସଦର ମହକୁମାଠାରେ ଆୟୋଜିତ ହେବ । ଏ ନେଇ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଏହି ମହୋତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହେବ । ଏଥିରେ ବ୍ଲକ ଏବଂ ପୌରାଞ୍ଚଳଗୁଡିକରୁ ଚୟନ ହୋଇ ୧୩ ରୁ ୩୫ ବର୍ଷ ବୟସର ଯୁବକ ଯୁବତୀ ଜିଲ୍ଲାସ୍ତରର ଏହି ପ୍ରତିଯୋଗିତାମୂଳକ ମହୋତ୍ସବରେ ଯୋଗ ଦେବେ । ଯେଉଁ ଯୁବକ ଯୁବତୀ ଜିଲ୍ଲାସ୍ତରରେ କୃତକାର୍ଯ୍ୟ ହେବେ ସେମାନେ ରାଜ୍ୟସ୍ତରରେ ଆୟୋଜିତ ହେବାକୁ ଥିବା ମହୋତ୍ସବରେ ଯୋଗ ଦେବେ । ଏହି ମହୋତ୍ସବରେ ଲୋକ ନୃତ୍ୟ (ଦଳଗତ), ଲୋକଗୀତ (ଦଳଗତ), ଏକାଙ୍କିକା, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ବଂଶୀ ବାଦନ, ତବଲା, ମୃଦଙ୍ଗମ, ହାରମୋନିୟମ, ଗିଟାର, ଓଡିଶୀ ଓ ବକ୍ତୃତା ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ଏହିସବୁ ପ୍ରତିଯୋଗିତାରେ ବିଚାରକ ଭାବେ ବାଲେଶ୍ୱର ଜିଲ୍ଲା ବାହାରୁ ବିଶେଷଜ୍ଞମାନଙ୍କୁ ଡାକିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିବେଶୀରେ ୨୫ ଜଣ ପ୍ରତିଯୋଗୀ ପ୍ରତି ବ୍ଲକ ଓ ପୌରାଞ୍ଚଳ ତରଫରୁ ପ୍ରତିନିଧିତ୍ୱ କରିପାରିବେ ବୋଲି ସ୍ଥିର କରାଯାଇଛି । କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ସକାଶେ ପୋଷ୍ଟର ମଧ୍ୟମରେ ପ୍ରଚାର କରିବା ପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରୁ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ, ରାମଚନ୍ଦ୍ର ଜେନା, ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱନୀ ରାଉତ, ଏନ.ଏସ.ଏସ ସଂଯୋଜକ ଶିବଶଙ୍କର ତରାଇ ଓ ଜିଲ୍ଲା କ୍ରୀଡାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ପ୍ରକାଶ ।

ଆଚ୍ଛା ସଂଗଠନ ପକ୍ଷରୁ ଥାଲସେମିଆ ରୋଗୀଙ୍କ ସୁସ୍ଥତା ପାଇଁ ସରକାରଙ୍କୁ ଚେତାବନୀ

ବାଲେଶ୍ୱର, ୨/୧୧(ପିଏନ)-:ସାରା ଓଡ଼ିଶାରେ ଥାଲସେମିଆ ରୋଗ ପାଇଁ କୁନି କୁନି ପିଲାମାନଙ୍କର ୧୮-୨୦ ବର୍ଷ ମଧ୍ୟରେ ଜୀବନ ଯାଉଛି । ଏହି ରୋଗରେ ପିଲାମାନଙ୍କ ଶରୀରରେ ରକ୍ତ ନଷ୍ଟ ହୋଇଯାଏ । ଯାହା କାରଣରୁ ସେମାନଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼ି ଥାଏ । କିନ୍ତୁ ଏହି ରକ୍ତ ନେବା ମଧ୍ୟରେ ସେମାନଙ୍କୁ ହୋଲ୍ ବ୍ଲଡ୍ ଦିଆଯାଇଥାଏ । ମାତ୍ର ଡାକ୍ତରୀ ବିଜ୍ଞାନର ଗବେଷଣା ପରେ ସମ୍ ହସ୍ପିଟାଲ୍‌ର ହେମାଟୋଲଜିଷ୍ଟ ଡ. ହେମଲତା ଦାସ; ଏହି ରୋଗରେ ଶରୀର ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବ ଏବଂ ଏହି ରୋଗ କିପରି ଭବିଷ୍ୟତରେ ନ ହେବ, ସେ ବାବଦରେ ପ୍ରକାଶ କରିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି ହୋଲ ବ୍ଲଡ୍ ପାଇଁ ଥାଲସେମିଆ ରୋଗୀଙ୍କ ଶରୀରର ଲିଭର୍, ପ୍ଲିହା, ହାର୍ଟ, ଅନାଳଗ୍ରନ୍ଥୀ, ଅଣ୍ଡକୋଷ / ଡିମ୍ବକୋଷ ପ୍ରଭୃତିରେ ଆଇରନ୍ ଅଧିକ ହୋଇଯାଏ । ଯାହା ପାଇଁ ସେମାନଙ୍କର ଜୀବନ ଯାଇଥାଏ । ଏମାନଙ୍କୁ ହୋଲ୍ ବ୍ଲଡ୍ ବଦଳରେ ପେକ୍‌ଡ ବ୍ଲଡ୍ ନେବାର ଆବଶ୍ୟକତା ଥାଏ । ଗତ ଦେଢ଼ ବର୍ଷ ପୂର୍ବରୁ ତତ୍କାଳୀନ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସି ପ୍ରତିଶ୍ରୁତି ଦେଇଥିଲେ, ଏକମାସ ମଧ୍ୟରେ ବାଲେଶ୍ୱରରେ ପେକ୍‌ଡ ବ୍ଲଡ୍ ଷ୍ଟୋର୍ ପ୍ରସ୍ତୁତ ହେବ । ମାତ୍ର ଦେଢ଼ ବର୍ଷ ବିତିଗଲା ପରେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ହୋଇନାହିଁ । ଏହି ଘଟଣା ଆଚ୍ଛା ସଂଗଠନ ନଜରକୁ ଆସିଲା ପରେ ଆଜି ସଂଗଠନର ସଭାପତି ବିସ୍ମିତ ରଞ୍ଜନ ଦାସ, ସମ୍ପାଦକ ରଣଜିତ କୁମାର ପୁଷ୍ଟି, ଉପସଭାପତି ସରିତା ସାହୁ, ପ୍ରକାଶ ମହାନ୍ତି, ସଂଯୋଜକ ରାକେଶ କୁମାର ଶିଅଲ, ରାଜେଶ ପାଣ୍ଡିଆ, ସମାଜସେବୀ ଗୋପାଳକୃଷ୍ଣ ଦାସ ଏବଂ ଅଭିଭାବକଙ୍କ ମଧ୍ୟରେ ଉଦୟଭାନୁ ନାୟକ, ସୁଷମା ବେହେରା, ସେକ୍ ସମିନ୍, ସିଦ୍ଧାର୍ଥ ଶଙ୍କର ଜେନା, ନିର୍ମଳା ସିଂ, ଆରତୀ ପରିଡ଼ା, ବନ୍ଦନା ଦେ, ଜୟନ୍ତ ଦଲେଇ, ଶ୍ରାବଣୀ ପରିଡ଼ା, ସୁରମା ମହାନ୍ତି, ଗୌରୀ ଦାସ ପ୍ରଭୃତି ଶତାଧିକ ଅଭିଭାବକ ଉପସ୍ଥିତ ରହି ଜିଲ୍ଲା ଚିକିତ୍ସାଧିକାରୀ ବାନାର୍ଜୀ ପ୍ରସାଦ ଛୋଟରାୟ ଙ୍କ ଜରିଆରେ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି, ଆଗାମୀ ଏକମାସ ମଧ୍ୟରେ ଏହି ରୋଗୀମାନଙ୍କ ସୁସ୍ଥତା ପାଇଁ ସରକାର ଉଚିତ ପଦକ୍ଷେପ ନ ନେଲେ ଆଚ୍ଛା ସଂଗଠନ ପକ୍ଷରୁ ସମସ୍ତ ଅଭିଭାବକ ମାନଙ୍କ ସହ ଦିବାରାତ୍ର ଆମରଣ ଅନଶନରେ ବସିବେ ।

ଭୋଗରାଇରେ ସରପଞ୍ଚ ପଦ ପାଇଁ ଦୁଇ ପଞ୍ଚାୟତରେ ଉପନିର୍ବାଚନ

ବାଲେଶ୍ୱର, ୨/୧୧(ପିଏନ)-: ଚଳିତ ମାସ ୨୭ ତାରିଖରେ ଭୋଗରାଇର ଶ୍ରଦ୍ଧାପୁର ଓ କସବା କମର୍ଦ୍ଦା ଏହି ଦୁଇଟି ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ହେବ ଉପନିର୍ବାଚନ । ଏଥିପାଇଁ ଶୁକ୍ରବାର ୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡଛି । ଶ୍ରଦ୍ଧାପୁରରୁ ୫ଜଣ ଏବଂ କସବା କମର୍ଦ୍ଦା ପଞ୍ଚାୟତରୁ ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆଜି ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । ସୂଚନାଯୋଗ୍ୟ ଯେ, ଭୋଗରାଇ ଶ୍ରଦ୍ଧାପୁରର ସରପଞ୍ଚ ଭଗବାନ କୁଣ୍ଡୁ ଗତ ଫେବୃଆରୀ ୧ ତାରିଖରେ ହୃଦ୍‌ଘାତ ଯୋଗୁଁ ମୃତ୍ୟୁବରଣ କରିଥିଲେ । ସେହିପରି ଜୁନ୍ ୭ ତାରିଖରେ ଏକ ଦୁର୍ଘଟଣାରେ କସବା କମର୍ଦ୍ଦା ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ମୃତ୍ୟୁ ହୋଇଥିଲା । ଏହି ଦୁଇଟି ପଞ୍ଚାୟତରେ ଉପନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ଦେଖାଦେଇଛି । ଏହି ଦୁଇ ପଞ୍ଚାୟତରୁ ଦଖଲ କରିବା ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଅଣ୍ଟା ଭିଡିଲେଣି । ପୂର୍ବରୁ ଏହି ଦୁଇଟି ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଥିଲେ । ୨ ତାରିଖ ମଧ୍ୟରେ ପ୍ରାର୍ଥୀମାନଙ୍କ ନାମାଙ୍କନ ପତ୍ର ଦାଖଲ, ୪ ତାରିଖରେ ଯାଞ୍ଚ ଓ ୫ ତାରିଖରେ ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ । ୨୭ ତାରିଖରେ ଭୋଟ୍ ହୋଇ ୨୮ ତାରିଖରେ ଫଳ ପ୍ରକାଶ ପାଇବ ବୋଲି ସରକାରୀ ସୁତ୍ରରୁ ପ୍ରକାଶ ।

ଭୋଳିବାବା ମିଶନଶକ୍ତି ମହାସଙ୍ଘର ବ୍ୟାଙ୍କ ଖାତାକୁ ବେଆଇନ ଭାବେ ପଟ୍ଟାମୁଣ୍ଡାଇ ବିଡିଓ ବନ୍ଦ କରିଦେଇଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା ୨/୧୧(ପିଏନ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡମୋହନପୁର ଗ୍ରାମ ପଂଚାୟତର ଭୋଳିବାବା ପଂଚାୟତ ମିଶନ ଶକ୍ତି ଗୋଷ୍ଠି ର କର୍ମକର୍ତ୍ତାମାନେ ମଙ୍ଗଳବାର ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ପ୍ରାୟ ଦୀର୍ଘ ୯ବର୍ଷ ହେବ ଏହି ମହିଳା ଗୋଷ୍ଠି କାର୍ଯ୍ୟ କରିଆସୁଥିବା ବେଳେ ଗୋଷ୍ଠି ନାମରେ ପଟ୍ଟାମୁଣ୍ଡାଇ ସିଣ୍ଡିକେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ୩ଗୋଟି ଆକାଉଁଟ ଋଣ ଓ ଖର୍ଚ୍ଚ ଭଳି ବିଭିନ୍ନ ବାବଦରେ ଖୋଲାଯାଇ ୨୦୦୯ ମସିହାରୁ ସେହି ବ୍ୟାଙ୍କ ଖାତାରେ ଦେଣନେଣ କାରବାର ହୋଇଆସୁଥିଲା । କିନ୍ତୁ ଗୋଷ୍ଠିର ପୂର୍ବତନ ସଭାପତି ଓ ସମ୍ପାଦିକା ମହାସଙ୍ଘର ସଦସ୍ୟମାନଙ୍କ ଅଜ୍ଞାତସାରରେଗୋଷ୍ଠିର ବ୍ୟାଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଚଂଚକତାକରି ଉଠାଇନେଇ ଆତ୍ମସାତ କରିଥିବାରୁ ଗୋଷ୍ଠିର ସମସ୍ତ ସଦସ୍ୟା ତାହାର ପ୍ରତିବାଦ କରିବା ସହ ବୈଠକ ଡକାଇ ଉଭୟ ସଭାପତି ଓ ସମ୍ପାଦିକାଙ୍କୁ ବଦଳାଇ ଦେଇଥିଲେ । ତେଣୁ ପଟ୍ଟାମୁଣ୍ଡାଇ ବ୍ଲକର ବିଡିଓ ସେହି ଦୁଇଜଣଙ୍କୁ ଘଂଟ ଘୋଡାଇବା ଉଦେଶ୍ୟରେ ଗତ ଦେଢବର୍ଷ ହେବ ଗୋଷ୍ଠିର ସେହି ୩ଟି ବ୍ୟାଙ୍କ ଖାତାକୁ ବ୍ୟାଙ୍କକୁ ଚିଠି ଲେଖି ବନ୍ଦ କରିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଫଳରେ ସେମାନେ ବ୍ୟାଙ୍କ ଖାତାରେ ଜମା କରିବା ଓ ଋଣ ଉଠାଇବାରେ ନାହିଁ ନଥିବା ଅସୁବିଦାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସେମାନେ ପୂର୍ବରୁ ଜିଲ୍ଲାପାଳଙ୍କୁ ଜଣାଇବାରେ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲା ବେଳେ ମହାସଙ୍ଘର କର୍ମକର୍ତ୍ତା ଓ ସଦସ୍ୟମାନେ ବିଡିଓଙ୍କୁ ଭେଟି ନିବେଦନ କରିବାରୁ ବିଡିଓ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଳଜ କରି ଅଫିସ ବାହାରକୁ ବାହାର କରିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏଭଳି ପରିସ୍ଥିତିରେ ଗୋଷ୍ଠିର ସଭାପତି ଭାରତୀ ବେହେରା,ସମ୍ପାଦିକା ଜୟନ୍ତୀ ଦାସ,ସରଳା ବାଇ,ନଳିନୀପ୍ରଭା ଚୌଧୁରୀ,ଲକ୍ଷ୍ମୀପ୍ରିୟା ଦାସ,ମମତା ମଣ୍ଡଳ,ପୂର୍ଣ୍ଣିମା ନାଥ,ମୀନତି ଦାସ,ସୁଶିଳା ମଳିକ,ଗୀତାଞ୍ଜଳି ସାହୁ,କବିତା ଦଳାଇ,ତୃପ୍ତି ପରିଡା,ଗୌରୀପ୍ରଭା ସାହୁ,ମଞ୍ଜୁଲତା ମଣ୍ଡଳ,ସତ୍ୟଭାମା ବେହେରା,ପ୍ରମିଳା ବେହେରା ସବିତା ବାଇ ପ୍ରମୁଖ ଗୋଷ୍ଠିର କର୍ମକର୍ତ୍ତା ଓ ସଦସ୍ୟାମାନେ ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ନିବେଦନ କରିଥିଲେ ।

ବିର୍ଲା ଟାୟାର୍ସ ଶ୍ରମିକଙ୍କ ଆତ୍ମାହୁତି ଧମକ

ବାଲେଶ୍ୱର, ୨/୧୧(ପିଏନ): ପରିଚାଳନାଗତ ତ୍ରୁଟି ଯୋଗୁଁ ବିର୍ଲା ଟାୟାର୍ସର ଅବସ୍ଥା ଏବେ ଖରାପ ହୋଇପଡିଛି । କମ୍ପାନୀର କର୍ମଚାରୀ ଏବଂ ଶ୍ରମିକମାନେ ମାସ ମାସ ଧରି ଦରମା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ପରିବାର ପ୍ରତିପୋଷଣ ଶ୍ରମିକମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି । ପରିସ୍ଥିତି ଅଣାୟତ୍ତ ସତ୍ତ୍ୱେ ଶ୍ରମ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି । ଏହା ବିରୋଧରେ ବିର୍ଲା ୱାର୍କର୍ସ ୟୁନିୟନ ପକ୍ଷରୁ ରଜେନ୍ଦ୍ର ବଳଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ତୁରନ୍ତ ପ୍ରାପ୍ୟ ନମିଳେ ତେବେ ବିର୍ଲା ଟାୟାର୍ସ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରମିକମାନେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଦିଲ୍ଲୀପ ପଣ୍ଡା, କମଳା ଚନ୍ଦ୍ର ଗ୍ରହାଚାର୍ଯ୍ୟ, ଶରତ ପ୍ରଧାନ, ଗିରିଶ ପ୍ରଧାନଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବିଏଡ୍ ଓ ଏମ୍‌ଏଡ୍ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

ବାଲେଶ୍ୱର,(ପିଏନ): ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଏଡ୍ ଓ ଏମ୍‌ଏଡ୍ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଛାତ୍ରଛାତ୍ରୀ ଶିକ୍ଷକ ପ୍ରବେଶିକା ପରୀକ୍ଷା ଦେଇ ପାରୁନାହାନ୍ତି । ଉଚ୍ଚଶିକ୍ଷା ପରେ ଏମିତି ହଟହଟା ପାଇଁ ଛାତ୍ରଛାତ୍ରୀ ମାନସିକ ସ୍ତରରେ ଅଶାନ୍ତିରେ ରହୁଛନ୍ତି । ସେଥିପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୌଣସି ପିଲା କିମ୍ବା ଅଧ୍ୟାପକଙ୍କୁ ଭିତରକୁ ଛାଡିନଥିଲେ । ଛାତ୍ରଛାତ୍ରୀଙ୍କ ଅସୁବିଧ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ହୋଇନଥିବା ଅଭିଯୋଗ ହୋଇଛି । ଏହାସହ ଫର୍ମ ପୂରଣରେ ବର୍ଦ୍ଧିତ ଫି, ଅଧିକାଂଶ ଛାତ୍ରଛାତ୍ରୀଙ୍କୁ ଜାଣିଶୁଣି ଫେଲ୍ କରାଇବା ଭଳି ମଧ୍ୟ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମଧୁମିତା ଦାସ ହସ୍ତକ୍ଷେପ କରି ଆଗାମୀ ୪ ତାରିଖରେ ସରକାରୀ ସ୍ତରରେ ଭେଟି ସମସ୍ୟା ସମ୍ପର୍କରେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ବିକ୍ଷୋଭରୁ ଓହରିଥିଲେ । ଅନ୍ୟପକ୍ଷରେ ୫ ତାରିଖ ଦିନ ଦାବିସମୂହକୁ ନେଇ ଛାତ୍ରଛାତ୍ରୀ ଏକ ପଦଯାତ୍ରା କରି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଛନ୍ତି ।

ବିଜେବି କଲେଜରେ ଦୁର୍ନୀତି ନିବାରଣ ସଚେତନତା

ଭୁବନେଶ୍ୱର,(ପିଏନ)--ବି.ଜେ.ବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ମାନବ ଶୃଙ୍ଖଳ ମାଧ୍ୟମରେ ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ସୁପ୍ରଭା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବି.ଜେ.ବି କଲେଜ ଶାଖାର ପରିଚାଳକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପୁଷ୍ଟି ଦେଶରୁ ଦୁର୍ନୀତି ହଟାଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହା ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପୁଷ୍ଟ

ମୋ ଓଡ଼ିଶା

କଲ୍ୟାଣମୟୀ କନ୍ୟା

ଦିନ ଥିଲା କନ୍ୟାମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିଲା। କିନ୍ତୁ ଏବେ ସମୟ ବଦଳିଯାଇଛି। ପୁରୁଷଙ୍କ ସହ ସେମାନେ ପାଦ ମିଳାଇ ଚାଲୁଛନ୍ତି। କେବଳ ସେତିକି ନୁହେଁ, ଅନେକ ମହିଳା ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ହେଲେ ଏବେ ବି ଏପରି ଅଞ୍ଚଳ ରହିଛି ଯେଉଁଠି ମହିଳାମାନେ ଶିକ୍ଷାଠାରୁ ଦୂରରେ ଅଛନ୍ତି। ବିଶେଷଭାବରେ ନିପଟ ମଫସଲରେ ରହୁଥିବା ମହିଳାମାନେ ଶିକ୍ଷାର ମହତ୍ତ୍ୱକୁ ସେଭଳି ଉପଲବ୍ଧି କରିପାରିନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ମହିଳାମାନେ କିପରି ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବେ, ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୪କୁ ଆନ୍ତର୍ଜାତୀୟ କନ୍ୟା ଦିବସ ଭାବରେ ପାଳନ କରାଯାଉଛି। ଏମାନେ କିପରି ଶିକ୍ଷା ସମ୍ପର୍କରେ ଜାଣିପାରିବେ, ଏଥିନେଇ ଆଗ୍ରହ ପ୍ରକାଶ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଏ କ୍ଷେତ୍ରରେ ଜନସଚେତନତାର ଭୂମିକା ରହିଛି। ଗତବର୍ଷ 'ଆନ୍ତର୍ଜାତୀୟ କନ୍ୟା ଦିବସ' ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଲ୍ୟାଣମୟୀ କନ୍ୟାଟି ଆଜି ସବୁ କ୍ଷେତ୍ରରେ ନିଜର ଚତୁର୍ଦ୍ଦିଗକୁ ସୁରକ୍ଷିତ ମନେ କରୁନାହିଁ। ନିଜ ପାରିପାର୍ଶ୍ୱିକ ଅବସ୍ଥାରେ ସେ ସବୁଠି ବିପଦକୁ ସାମ୍ନା କରୁଥିବା ବେଳେ କେବଳ ସେ ଝିଅଟି ପାଇଁ ଦାୟିତ୍ୱ ତା ବାପା ମାଆଙ୍କର ବା ଅଭିଭାବକଙ୍କର ନୁହେଁ ଏହା ହେଉଛି ଆମ ସମସ୍ତଙ୍କ ପ୍ରତି ବଡ଼ ଗୁରୁଦାୟିତ୍ୱ। ନୂଆଦିଲ୍ଲୀର ସେହି ଝିଅଟି ପ୍ରତି ପାଶବିକତାର ଯନ୍ତ୍ରଣାଦାୟକ ଘଟଣା ପରେ କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ହାତକୁ ନେଇଥିଲେ ବି ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ଝିଅଟିଏର ଦୁଃଖ କିନ୍ତୁ ସରୁନାହିଁ। ନିଜ ଅଭାବ ଅଭିଯୋଗକୁ ଅଧିକାଂଶ କ୍ଷେତ୍ରରେ କର୍ଣ୍ଣପାତ କରାଯାଉ ନଥିବା ତଥା ବଣମଲ୍ଲୀ ପରି ପ୍ରତିଭାବାନ ଅନେକ ଝିଅଙ୍କ ପ୍ରତିଭାକୁ ଗଣମାଧ୍ୟମରେ ଲୋକଲୋଚନକୁ ଆଣିବା ପରେ ତାହା ବାହାରକୁ ସତ୍ୟରୂପରେ ପରିପ୍ରକାଶ ହେଉଛି। ତେଣୁ ଏହି କ୍ଷେତ୍ରରେ ସତ ପ୍ରଶ୍ନ ଉଠୁଛି ଆମ୍ଭେମାନେ ଝିଅଟି ପ୍ରତି ନିଜ କଲ୍ୟାଣର ହାତ ରଖିଛେ କି ? କେବଳ ଗ୍ରାମାଞ୍ଚଳ ବା ଆଦିବାସୀ ବହୁଳ ଅନ୍ଧାରୀ ମୂଳକ ନୁହେଁ ସହରାଞ୍ଚଳରେ ଦିନ ଦି'ପହରରେ ଝିଅଟିଏ ନିଜକୁ ସୁରକ୍ଷିତ ମନେ କରୁନାହିଁ ଏ ନେଇ ଅନେକ ଘଟଣାର ଚିତ୍ର ବାହାରକୁ ଆସୁଥିଲେ ବି ଆମ ମାନଙ୍କ ବିବେକ କିନ୍ତୁ ଆମମାନଙ୍କୁ କୌଣସି ପ୍ରକାର ଶିକ୍ଷା ଦେଉନି। ବରଂ ଆମ ଭିତରେ ଦିନକୁ ଦିନ ପାଶବିକତାର ରାକ୍ଷସ ଭୟାନକ ଦାନବର ରୂପ ନେଇ ଅନେକ ଅଘଟଣ ସଂଘଠିତ କରିଦେଉଛି। ବଡ଼ ପ୍ରଶ୍ନ ହେଉଛି ଆମେ ଜଣେ ମା'ଆ ଠାରୁ ଜନ୍ମ ଲାଭ କରିଛେ ଯିଏ ବି ଦିନେ କନ୍ୟାଟିଏ ଥିଲା ଏବଂ ଘର ସଂସାର କରିଥିବା ଅର୍ଦ୍ଧାଙ୍ଗିନୀ ବି ହେଉଛି ଜଣେ ଝିଅଟିଏ ଏହି ପରିପ୍ରେକ୍ଷୀରେ କନ୍ୟା ରତ୍ନଟିକୁ ଆମେ କିପରି କଲ୍ୟାଣମୟୀ କନ୍ୟା କହିପାରିବା ତାହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନରେ ଏହି ଲେଖିକା ସେବା କାର୍ଯ୍ୟକ୍ରମ ଭିତରେ ଓଡ଼ିଶା ଏବଂ ଭାରତର ଅନେକ ସ୍ଥାନରେ ସ୍ଥାନୀୟ ଲୋକଙ୍କ ସହ ସୁଖଦୁଃଖ ହେଲାବେଳେ ଆମ କନ୍ୟା ସମାଜର ଅନେକ ଅନ୍ଧାରି ଜୀବନ କାହାଣୀ ତାକୁ ମର୍ମାହତ କରିଥାଏ। ପୂଜ୍ୟଶ୍ରୀ କୁମାର ଭାଇ ଗଢ଼ିଥିବା ଅନୁଷ୍ଠାନଟି କେବଳ କିଛି ଉତ୍ସର୍ଗିକୃତ ସମାଜ ସେବା ପାଇଁ ସମର୍ପିତ ମହିଳାମାନଙ୍କ ଦ୍ୱାରା ହିଁ ପରିଚାଳିତ ହେଉଛି। ହେଲେ ଏହି ଲେଖିକା ଅନୁଭବ କରିଛି ଯେ ବର୍ତ୍ତମାନ ବି ଆମ ତଥାକଥିତ ପ୍ରଗତିଶୀଳ ସମାଜରେ ଝିଅଟିଏ ପାଇଁ ଯଥାର୍ଥ ଭାବରେ ଆମ ସମସ୍ତଙ୍କର ପ୍ରେରଣା, ଆଶୀର୍ବାଦ ସତେଯେପରି ରହୁନାହିଁ। ଆନ୍ତର୍ଜାତିକ କନ୍ୟା ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ କଲ୍ୟାଣମୟୀ କନ୍ୟାଟି ଉପରେ ଆଶୀର୍ବାଦର ହାତ କିପରି ସଂଚାରିତ ହେବ ତାହା ସମସ୍ତଙ୍କ ଭିତରେ ନୈତିକ ମୂଲ୍ୟବୋଧ ପାଇଁ ବଡ଼ ଆହ୍ୱାନ ହେଉ। କନ୍ୟାରତ୍ନଟି ପ୍ରତି ସବୁ କ୍ଷେତ୍ରରେ ସବୁ ପ୍ରକାରରେ ସୁରକ୍ଷା ଠାରୁ ତା'ର ବିକାଶ ଏବଂ ପ୍ରଗତି ଠାରୁ ତା'ର ପ୍ରତିଟି ଚିନ୍ତନ ଓ ପ୍ରତିଭାକୁ ଲୋକଲୋଚନକୁ ଆଣି ତାକୁ ସାମାଜିକ ବିକାଶରେ ସାମିଲ କଲେ ଏହି ଦିବସର ମହତ୍ତ୍ୱ ପ୍ରତିପାଦିତ ହୋଇପାରନ୍ତା।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର, ଦୂରଭାଷ : ୯୯୩୭୧୭୨୮୧୦

ଏବେ ବି ମଣିଷପଣିଆ ବଂଚିଛି !

କେନ୍ଦୁଝର (ପିଏନ୍): ଘଟଗାଁ ବ୍ଲକ ପଇଦାପାଟଣା ପଂଚାୟତ ଅନ୍ତର୍ଗତ ଖୁଂଟାପଡା ଗ୍ରାମର ୪୦ବର୍ଷର ଯୁବକ ବନମାଳୀ ମୁଣ୍ଡା କେଉଁ ଏକ ଅଜଣା ରୋଗର ଶିକାର ହୋଇ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ହ୍ୟାଣ୍ଡସ୍ ଫର ହେଲ୍ପର' ସହାୟତାରେ ଦୁଇ ଦୁଇଥର ରକ୍ତ ନେଲା ପରେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ଅଂଟା ତଳକୁ ଥିବା ଅଙ୍ଗ ଅବୟବଗୁଡିକ ଅକାମୀ ହୋଇଯାଇଛି। କଥାରେ ଅଛି ଯାହାର କେହି ନାହାଁନ୍ତି ତାଙ୍କୁ ଦଇବ ସାହା। ଏହି ଉକ୍ତିର ଅର୍ଥ ରାଜ୍ୟ ସରକାରଙ୍କ 'ମୋ ସରକାର' ଏ କ୍ଷେତ୍ରରେ ଫେଲ୍ ମାରିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବନମାଳୀ ମୁଣ୍ଡା। ତା'ର ଆଗକୁ ପଛକୁ କେହି ନାହାଁନ୍ତି। ବର୍ତମାନ ତାଙ୍କର ଆଶୁ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ପଡୁଛି। କିନ୍ତୁ ପରିତାପର ବିଷୟ ପ୍ରଶାସନ ପାଖରୁ ଏ ଯାବତ୍ କୌଣସି ସୁବିଧା ସହାୟତା ମିଳିପାରିନାହିଁ। ହ୍ୟାଣ୍ଡସ୍ ଫର ହେଲ୍ପର କର୍ମକର୍ତାମାନେ ବନମାଳୀଙ୍କୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଗୁହାରି କରୁଛନ୍ତି। ଜିଲ୍ଲା ପ୍ରଶାସନ ଗୁହାରୀ ଶୁଣିବା ହୁଅନ୍ତୁ ଏବଂ ବନମାଳୀ ମୁଣ୍ଡାଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରି ତାର ଉପଯୁକ୍ତ ଚିକିତ୍ସା ସହାୟତା ଯୋଗାଇଦେଲେ ଜନସାଧାରଣ ଖୁସି ହେବେ।

ଧୂମପାନ ଓ ଲିଭର୍ ସମସ୍ୟା

ମାତ୍ର କେଇ କ୍ଷଣିକର ଆନନ୍ଦ। ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ। ଧ୍ୱଂସ ହେଉଛି ମାନବ ସମ୍ବଳ। ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି। ପଇସା ଦେଇ କିଣୁଛେ ରୋଗ। ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦୋକାନ ଆଉ ଡାକ୍ତରଖାନାରେ। ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ। ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ। ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଆଜିର ଦିନକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି। ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ। ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ। ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ। ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି। ଯଦି କେହି ଧୂମପାନ କରୁଥିବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ। ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମ୍ବାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା। ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା। ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ୍ୟ କରାଗଲା। ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ। ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଏବେ ଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ। ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ୍ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ। ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା। ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ। ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା। କେବଳ ଏହାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଊନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା। ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା। ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି। ବର୍ତ୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି। ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ। ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଞ୍ଚଟି ବୃହତ୍ତମ କମ୍ପାନୀ, ଫିଲିପ୍ସ, ମୋରିସ୍, ବାଟ୍, ଆଲତାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି। ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ଫ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା। ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ। ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି। ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ। ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ। ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ। ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା।। ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା !

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ଅଡିଟ୍ ନାମରେ ଉନ୍ନୟନ କାର୍ଯ୍ୟ ଅନୁଦାନର କଟାଯାଉଛି ଦୁଇ ପ୍ରତିଶତ

କେନ୍ଦୁଝର (ପିଏନ୍): ବର୍ଷକୁ ଥରେ ହେଉଥିବା ବିଭିନ୍ନ କାର୍ଯ୍ୟର ଅଡିଟ ନାମରେ ପ୍ରତି ଉନ୍ନୟନ କାର୍ଯ୍ୟ ଅନୁଦାନରୁ କଟାଯାଉଛି ୨ ପ୍ରତିଶତ। ଏହିଭଳି ଅଭିଯୋଗ ଚମ୍ପୁଆ ବ୍ଲକର ବିଭିନ୍ନ ପଂଚାୟତରେ କାର୍ଯ୍ୟ କରୁଥିବା ଠିକାଦାରଙ୍କଠାରୁ ଜଣାପଡିଥିବା ବେଳେ ଖୋଦ ପଂଚାୟତ କର୍ତ୍ତୃପକ୍ଷ ଏହି ଅର୍ଥକୁ କାଟି ରଖୁଥିବାର ସଂଗିନ ଅଭିଯୋଗ ଏବେ ଚମ୍ପୁଆ ବ୍ଲକର ସ୍ୱଚ୍ଛତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି। ବିଭିନ୍ନ ଯୋଜନାରେ ପଂଚାୟତଗୁଡିକୁ ଆସୁଥିବା ଉନ୍ନୟନ କାର୍ଯ୍ୟର ଅନୁଦାନରେ ଏହି ଅର୍ଥ କଟାଯାଉଛି। ମୁଖ୍ୟତଃ ଜି.ଜି.ୱାଇ. ୧୪ତମ ଏସ.ଏଫ.ସି ଓ ସି.ଏଫ୍.ସି ଆଦି ଯୋଜନାରେ ପଂଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା କାମଗୁଡିକ ବିଭାଗୀୟ କାର୍ଯ୍ୟାଦେଶରେ ହେବାକୁ ଯୋଜନା ଥିଲେ ସୁଦ୍ଧା ଗ୍ରାମ୍ୟ ଠିକାଦାରଙ୍କ ମାଧ୍ୟମରେ ଏହି କାର୍ଯ୍ୟ କରାଯାଇଥାଏ। ତେବେ ଏହି କାର୍ଯ୍ୟ କରାଯିବା ପରେ ସରପଂଚଙ୍କଠାରୁ ଆରମ୍ଭ କରି ବି.ଡି.ଓଙ୍କ ଫିସ ବାବଦରେ ୨୦ରୁ ୩୦ ପ୍ରତିଶତ ଅର୍ଥ ବାଟମାରଣା ହେଉଥିବାବେଳେ ଏବେ ବର୍ଷକରେ ଥରେ ପଂଚାୟତ ସ୍ତରରୁ ଅଡିଟ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆନଯିବା ଲକ୍ଷ୍ୟ କରାଯାଉଛି। ପଂଚାୟତ କର୍ତ୍ତୃପକ୍ଷ ପକେଟ ଗରମ ମଧ୍ୟ କରିସାରିଛନ୍ତି। ଅଡିଟ ଆଳରୁ ପ୍ରତି ଉନ୍ନୟନ କାମରୁ ଜୋର ଜବରଦସ୍ତ ୨ପ୍ରତିଶତ ଲେଖାଏଁ କଟାଯିବା ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଥିବାବେଳେ ଏହା ପଛରେ ଅଡିଟ ପାଇଁ ଆସୁଥିବା ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହାକୁ ନେଇ କୌଣସି ପଂଚାୟତ କର୍ତ୍ତୃପକ୍ଷ ମୁହଁ ଖୋଲୁନଥିବାବେଳେ ବ୍ଲକ ଅଧିକାରୀମାନେ କୌଣସି ମତାମତ ଦେବାକୁ ଆବଶ୍ୟକ ମଣୁ ନ ଥିବାବେଳେ ପିସି ସହିତ ଅଡିଟ ପାଇଁ ଅର୍ଥ କାଟ ହେବା ଏକ କଳଂକିତ ପ୍ରଥା ଏବେ ଚମ୍ପୁଆ ବ୍ଲକରେ ଜୋର ସୋରରେ ଆଗେଇ ଚାଲିଛି। ଯାହାର ଭିଜିଲାନ୍ସ ତଦନ୍ତ ହେବା ଆବଶ୍ୟକ ବୋଲି ଚମ୍ପୁଆ ବ୍ଲକ ବାସୀଙ୍କ ପକ୍ଷରୁ ଅଭିଯୋଗ ମଧ୍ୟ ହେଉଛି।

ଜିଲ୍ଲାସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର (ପିଏନ୍): ସ୍ଥାନୀୟ ସରସ୍ୱତୀ ଶିଶ

ମୋ ସହର

ବ୍ୟାଙ୍କଙ୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ଥାଇଲାଣ୍ଡ ପ୍ରତିନିଧି ଦଳ

କନ୍ଧମାଳ ପୁଲିସ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

କନ୍ଧମାଳ, (ପିଏନ୍)- କନ୍ଧମାଳ ପୁଲିସ ପକ୍ଷରୁ ଜିଲ୍ଲା ବଡିବିଲ୍ଡିଙ୍ଗ ଆସୋସିଏସନ ସହଯୋଗରେ ଗାନ୍ଧିସ୍ମୃତି ଭବନ(ସଭାଗୃହରେ ଠାରେ) ଏକ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାକୁ କନ୍ଧମାଳ ଏସପି ପ୍ରତୀକ ସିଂ ଉଦଘାଟନ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ୬୦ କିଲୋ, ୭୫ କିଲୋରୁ କମ୍ ବର୍ଗରେ ଓ ୭୫ କିଲୋରୁ ଉର୍ଦ୍ଧ୍ୱ ଏପରି ମୋଟ ୩ଟି ବର୍ଗରେ ଅଂଶଗ୍ରହଣ କରିଥିଲେ । ୬୦ କିଲୋ ବର୍ଗର ପ୍ରତିଯୋଗିତାରେ ଦେବାଶିଷ ନାୟକ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ, ଯୁଗଳ ଦିଗାଲ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଓ ସନ୍ଦିପ୍ତ କିଶୋର ଦାସ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ । ସେହିପରି ୭୫ କିଲୋରୁ କମ୍ ବର୍ଗର ପ୍ରତିଯୋଗିତାରେ କିଶାନ ଦିଗାଲ ପ୍ରଥମ ହୋଇ ସ୍ୱର୍ଣ୍ଣ, ଜେସିମ ଦିଗାଲ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଓ ସଞ୍ଜୀବ କୁମାର ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ । ୭୫ କିଲୋରୁ ଉର୍ଦ୍ଧ୍ୱ ବର୍ଗରେ ରାଜୀବ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସୁଜିତ୍ କୁମାର ସାହାଣୀ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଏବଂ ଜ୍ୟୋତି କିଶୋର ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଥିଲେ । ସମସ୍ତ ବିଭାଗର ପଦକ ବିଜେତାଙ୍କୁ ନେଇ ଫାଇନାଲ ଟାଇଟଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା । ଏହି ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରି ରାଜୀବ ମହାନ୍ତି କନ୍ଧମାଳ ଗୌରବ ବିବେଚିତ ହୋଇଥିବା ବେଳେ କିଶୋର ଦିଗାଲ ଦ୍ୱିତୀୟ ସ୍ଥାନ ଅଧିକାର କରି କନ୍ଧମାଳ ଶ୍ରୀ ଏବଂ ତୃତୀୟ ସ୍ଥାନ ଅଧିକାର କରି ଦେବାଶିଷ ନାୟକ କନ୍ଧମାଳ କୁମାର ଟାଇଟଲ ହାସଲ କରିଥିଲେ । ସମସ୍ତ ପ୍ରତିଯୋଗିତାର ବିଚାରକ ମଣ୍ଡଳିରେ ମିଷ୍ଟର ଭୁବନେଶ୍ୱର ଟାଇଟଲ ଜିତିଥିବା ନାରାୟଣ ବାରିକ ଓ ମିଷ୍ଟର କଳାହାଣ୍ଡି ଟାଇଟଲ ଜିତିଥିବା ମୁକ୍ତେଶ୍ୱର ମଲ୍ଲିକ ରହି କାର୍ଯ୍ୟ ସମ୍ପାଦନ କରିଥିଲେ । ପୁରସ୍କାର ବିତରଣ ଉତ୍ସବର ମୁଖ୍ୟ ଅତିଥିଭାବେ ଏସପି ପ୍ରତୀକ ସିଂ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଏସପି ବିଷ୍ଣୁପଦ ମହନ୍ତ, ଡିଏସପି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର, ଜିଲ୍ଲା କ୍ରୀଡା ସଂଘ ସଭାପତି ଶିବ ପ୍ରସାଦ ତ୍ରିପାଠୀ ଏବଂ ବରିଷ୍ଠ ନାଗରିକ ସଂଘର ସଭାପତି ରାଜକିଶୋର ବେହେରା ପ୍ରମୁଖ ଯୋଗ ଦେଇ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । କନ୍ଧମାଳ ଜିଲ୍ଲାରେ ଏଭଳି ଏକ ପ୍ରତିଯୋଗିତାକୁ ସଫଳ ଭାବେ ଆୟୋଜନ କରିଥିବାରୁ ଫୁଲବାଣୀ ବଡି ବିଲ୍ଡିଂ ଆସୋସିଏସନ ପକ୍ଷରୁ ଏହାର ଉପଦେଷ୍ଟା ତଥା ପୂର୍ବତନ ପୌର ଅଧକ୍ଷ ରାଜେନ୍ଦ୍ର କହଁର ଏବଂ ସମ୍ପାଦକ ପାର୍ଥସାରଥୀ ବିଶ୍ୱାଳ, ଏସପି ପ୍ରତିକ୍ ସିଂ ଏବଂ ଆରଆଇ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ସମସ୍ତ ଅତିଥି ଓ ଜଜ୍ ମାନଙ୍କୁ ଜିଲ୍ଲା ପୁଲିସ ପକ୍ଷରୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅଶୋକ କୁମାର ମହାନ୍ତି ସଂଯୋଜନା କରିଥିଲେ । ରିଜର୍ଭ ଇନ୍ସ୍ପେକ୍ଟର ଧର୍ମେନ୍ଦ୍ର ପ୍ରଧାନ. ସର୍ଜେଂଟ ସରୋଜ କୁମାର ବେହେରା ପରିଚାଳନା କରିଥିବା ବେଳେ ସମସ୍ତ ପୁଲିସ ଷ୍ଟାଫ ଏଥିରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ମଝିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ ହୋଇଥିଲା ।

କେନ୍ଦୁଝର : ନଭେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଲା

କେନ୍ଦୁଝର, (ପିଏନ)-ନଭେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଲା । ନଭେମ୍ବର ୦୪ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍‌ଠାରେ, ନଭେମ୍ବର ୧୧ ତାରିଖ ସୋମବାର ଦିନ ଘଷିପୁରା ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ନଭେମ୍ବର ୧୮ ତାରିଖ ସୋମବାର ଦିନ ହରିଚନ୍ଦନପୁର ବ୍ଲକ୍ କାର୍ଯ୍ୟାଳୟଠାରେ ନଭେମ୍ବର ୨୫ ତାରିଖ ସୋମବାର ଦିନ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସଂପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ ଠାକ୍‌ରେ ସମ୍ପୃକ୍ତ କତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣୀ ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ବ୍ଲକ ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ଶୁକ୍ରବାର ଭୋଟ ଗ୍ରହଣ ହୋଇଅଛି । ବ୍ଲକ ଅଧକ୍ଷଙ୍କ ବିରୁଦ୍ଧରେ ଅଧିକାଂଶ ସମିତିସଭ୍ୟ ଏବଂ ସରପଂଚ ମିଳିତ ରୂପେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏହି ପ୍ରସ୍ତାବକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ଅଧିକାରୀ ରୂପେ ଉପଜିଲ୍ଲାପାଳ ତରଣୀସେନ ନାଏକ ଅନାସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ ହେବା ପାଇଁ ଧାର୍ଯ୍ୟ କରିଥିଲେ । ଶୁକ୍ରବାର ଖଡିଆଳ ପଂଚାୟତ ସମିତି ସଭାକକ୍ଷରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ ଗ୍ରହଣ କରାଯାଇଥିଲା । ଭୋଟ ଗ୍ରହଣ ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା ବେଳେ ଖଡିଆଳ ବ୍ଲକର ୨୬ ଗୋଟି ପଂଚାୟତର ସରପଂଚ, ସମିତିସଭ୍ୟ ଯୋଗ ଦେଇ ନିଜ ମତ ସାବ୍ୟସ୍ତ କରିଥିଲେ । ଅପରପକ୍ଷେ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ଏହି ଅନାସ୍ଥା ପ୍ରସ୍ତାବ ଭୋଟରେ ନିଜ ମତ ସାବ୍ୟସ୍ତ କରିନଥିବା ଜଣାପଡିଛି । ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତ ସାବ୍ୟସ୍ତ କରିଛନ୍ତି । ମୋଟ ୫୨ ଜଣ (୫୧ ଜଣ ସରପଞ୍ଚ ଏବଂ ସମିତିସଭ୍ୟ ଏବଂ ଜଣେ ବିଧାୟକ) ଭୋଟ ଦାନ କରିଥିବା ସୂଚନା ମିଳିଛି । ଦୀର୍ଘ ଦିନ ହେବ ସମିତିସଭ୍ୟ ଏବଂ ସରପଂଚ ମାନେ ଅଜ୍ଞାତବାସରେ ରହି ଆଜି ଖଡିଆଳକୁ ଆସିଥିଲେ ।

୧୦ ଦଫା ଦାବି ପୂରଣ ନିମନ୍ତେ ସରକାରୀ ଠିକାଦାର ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାରିପଦା, (ପିଏନ)- ନିଖିଳ ଓଡ଼ିଶା ଠିକାଦାର ମହାସଂଘର ଆହ୍ୱାନ କ୍ରମେ ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ବାରିପଦା ପକ୍ଷରୁ ଆଜି ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ବାରିପଦାସ୍ଥିତ ମୟୂରଭଞ୍ଜ(ରାସ୍ତା ଓ ଗୃହ) ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କର ୨୦୧୪ରେ ସ୍ଥିରିକୃତ ସିଡ୍ୟୁଲ ରେଟକୁ ୨୦୧୯ରେ ବର୍ଦ୍ଧିତ ମୂଲ୍ୟ ଭିତିରେ ପୁନଃ ଆକଳନ କରାଯିବା, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ଼ ଡ଼ାଟା ବୁକ୍ ର ତୁରନ୍ତ ପ୍ରଚଳନ କରାଯିବା, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ପ୍ରଚଳିତ ୧୪.୯୯ ଲେସ ପ୍ରଥା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯିବା, ଉଚ୍ଚ ନ୍ୟାୟାଳୟ ଦ୍ୱାରା ବର୍ଦ୍ଧିତ ମୂଲ୍ୟ ସମ୍ପର୍କୀତ ନିର୍ଦ୍ଦେଶନାମା ଅନୁସାରେ ଠିକାଦାର ମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବା, ଶ୍ରମିକମାନଙ୍କ ମଜୁରୀର ଉଚିତ ନିର୍ଦ୍ଧାରଣ ସହ ଠିକାଦାରମାନଙ୍କୁ ତତସମ୍ପର୍କୀତ ପ୍ରାପ୍ୟ ପ୍ରଦାନ କରାଯିବା, ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦ ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ କରାଯିବା, କୌଣସି ବାହ୍ୟ ସର୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁସାରେ କାର୍ଯ୍ୟାଦେଶ ପ୍ରଦାନ କରାଯିବା, ପୂର୍ବ ବ୍ୟବସ୍ଥା ଅନୁସାରେ ବିଭିନ୍ନ ସଂଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ କରାଯିବା ଏବଂ ବ୍ୟବସ୍ଥା ନଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲିଟି ରସିଦ୍ ଦାଖଲ ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆଦି ୧୦ ଦଫା ଦାବି ପୂରଣ ନିମନ୍ତେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ ।

ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ବାରିପଦାର ଆବାହକ ଶିବ ପ୍ରସାଦ ମହାକୁଡ଼ଙ୍କ ଆବାହକତ୍ୱରେ ଗଣମାଧ୍ୟମ ସଂଯୋଜକ ସତ୍ୟରଞ୍ଜନ ପଟ୍ଟନାୟକ, ବିନୋଦ ବେହେରା, ପ୍ରଦୀପ ପାତ୍ର, ସଞ୍ଜୟ ଖଣ୍ଡେଲୱାଲ, ଅଶୋକ ବେହେରା, ପୂର୍ଣ୍ଣ ଚନ୍ଦ୍ର ବାରିକ, ନାନ୍ଦଲାଲ ମିଶ୍ର, ଅମୂଲ୍ୟ କୁମାର ବେହେରା, ନନ୍ଦ କିଶୋର ବିଶ୍ୱାଣି, ସନ୍ଦିପ ପତି, ତ୍ରିଲୋଚନ ଗିରି, ପ୍ରିୟବ୍ରତ ଦାସ, ଅମର ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, ରଞ୍ଜୁଛ ସାହୁ, ସ୍ୱରୂପ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କୁମୁଦ ମିଶ୍ର, ସତ୍ୟେନ୍ଦୁ ପ୍ରସାଦ, ସୁଦାମ ଗିରି, ରାମେଶ୍ୱର ମିଶ୍ର, ସତ୍ୟବ୍ରତ ମହାନ୍ତି, ମନୋଜ ରାଉତ ଓ ସଜଳ ମୌଳିକ ପ୍ରମୁଖ ଠିକାରମାନେ ଏକତ୍ରିତ ହୋଇ ସେମାନଙ୍କ ଦାବି ପୂରଣ ନିମନ୍ତେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ । ଏହାପରେ ଠିକାଦାର ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ଏ ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏଥି ସହିତ ସେମାନଙ୍କର ଦାବି ଅବିଳମ୍ବେ ପୂରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବା ସଂଗେସଂଗେ ସମସ୍ତ କାମକାର୍ଯ୍ୟକୁ ଅଚଳ କରିଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଅଧାରେ ଅଟକିଛି କଂଟାମାଳ-ତରଭା ସେତୁ କାମ

ବୌଦ୍ଧ, (ପିଏନ)- କଂଟାମାଳ - ସୋନପୁର – ବଲାଙ୍ଗିରକୁ ସଂଯୋଗ କରୁଥିବା କଂଟାମାଳ- ତରଭା ସେତୁ କାମ ସରବାର ନା ଧରୁନାହିଁ । କଛପ ଗତିରେ ଚାଲୁଥିବା ନିର୍ମାଣ କାମ ଯୋଗୁ ସମସ୍ତ ସମୟସୀମା ଅତିକ୍ରାନ୍ତ କରିବା ସହ ନେତା ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ସମସ୍ତ ପ୍ରତିଶ୍ରୁତିକୁ ଫେଲ୍ କରିଦେଇଛି । ଗୋଟିଏ ପଟେ ସେତୁ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବେଳେ ଅନ୍ୟପଟେ ତରଭା ପଟୁ ସେତୁର ସଂଯୋଗକାରୀ ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ମଧ୍ୟ ଏପର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ । ସମସ୍ତ ସମୟ ସୀମା ଓ ପ୍ରତିଶ୍ରୁତି ଫେଲ୍ ହୋଇଯିବା ପରେ ସାଧାରଣ ଲୋକଙ୍କ ସହିବା ସୀମା ମଧ୍ୟ ଟପି ସାରିଲାଣି, ଏଣୁ କଂଟାମାଳ ବିକାଶ ପରିଷଦର ଯୁବ ସମାଜ ଏହାର ପ୍ରତିବାଦ କରିବା ସହ ରାଜ ରାସ୍ତାକୁ ଓହ୍ଲାଇକୁ ଚେତାବନୀ ଦେଇଛନ୍ତି । ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ଦିନଠୁଁ ଅର୍ଥାତ୍ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା କଂଟାମାଳ- ତରଭା ସେତୁ ସମ୍ପୂର୍ଣ୍ଣ ହେବା ନେଇ ପଦ୍ମ ଝୁଂଚି ଝୁଂଚି ଯାଉଥିବାବେଳେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମଧ୍ୟ କାର୍ଯ୍ୟକାରି ନହେବା ଅଂଚଳ ବାସିଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ଯୋଗ୍ୟ, ଗତ ତିନି ମାସ ତଳେ ବୌଦ୍ଧ ଜିଲ୍ଲାପାଳ କଂଟାମାଳ ବ୍ଲକ କୁଲୁତାଯୋର ପଂଚାୟତକୁ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆସି ଉକ୍ତ ସେତୁ ବୁଲି ଦେଖିବା ସହ ତିନିମାସ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ ହେବ ଏବଂ ଜନସାଧାରଣ ଯାତାୟାତ କରିପାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ ସମୟରେ କଂଟାମାଳ ଅଂଚଳର କିଛି ବୁଦ୍ଧିଜିବି ଏବଂ ସାମାଜିକ କର୍ମୀ ମଧ୍ୟ ଉପସ୍ଥିତ ଥିଲେ । ଇତି ମଧ୍ୟରେ ତିନିମାସ ବିତିଯାଇଥିବାବେଳେ ସେତୁରେ ଯିବା ଆସିବା ଦୂରର କଥା ବ୍ରିଜର ଆଠଟି ସ୍ଲାବର ଫାଇନାଲ କୋଟ ଢଳେଇ ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ପାରି ନାହିଁ । ତରଭା ପାର୍ଶ୍ୱର ଜମି ଅଧିଗ୍ରହଣ ସମସ୍ୟା ଅଧପନ୍ତରିଆ ଭାବରେ ଅଟକି ରହିଛି । ମାତ୍ର ୫ ଜଣଙ୍କ ଜମି ଅଧିଗ୍ରହଣ ହୋଇ ସାରିଥିବାବେଳେ ଉକ୍ତ ଜମରେ ଥିବା ଶାଗୁଆନ ଗଛ ଏଥପାଇ ପ୍ରତ ବନ୍ଧକ ସାଜିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଜବାବ ରଖିଛି । ଅପରପକ୍ଷରେ ବ୍ରିଜ ସଂଲଗ୍ନ ଜମି ଅଧିଗ୍ରହଣ ହୋଇ ପାର ନଥିବା କାରଣରୁ ବ୍ରିଜ ସଂଲଗ୍ନ ମାଟିକାମ ହୋଇ ପାରୁ ନଥିବା ଜଣାପଡିଛି । କିନ୍ତୁ ତରଭା ତହସିଲ ଅନ୍ତର୍ଗତ ବନ୍ଧକେଡା ଗ୍ରାମର ଜମି ହସ୍ତାନ୍ତର କରିଥିବା ଜମି ମାଲିକ ମାନେ ପ୍ରାପ୍ୟ ପାଇବାରେ ଅହେତୁକ ବିଳମ୍ବ କାରଣରୁ ଅନ୍ୟ ଜମି ମାଲିକ ମାନେ ଏଥିରେ ସହଯୋଗ କରୁ ନଥିବା ଅଭିଯୋଗ କରିଛନ୍ତି । ୨୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନାବାର୍ଡ ସହାୟତାରେ ନିର୍ମିତ ହେବାକୁ ଥିବା ଏହି ବ୍ରିଜ ସଂପୂର୍ଣ୍ଣ ହେବା ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଉ ନଥିବାରୁ ଅଂଚଳ ବାସି ବିପଦପୂର୍ଣ୍ଣ ଭାବରେ ପ୍ରତିଦିନ କାଠ ଡ଼ଙ୍ଗା ରେ ଯିବା ଆସିବା କରୁଛନ୍ତି । ଅକ୍ଟୋବର ୧୧ ତାରିଖରେ ୫-ଟି ର ସଚିବ ଭି.କାର୍ତିକେୟନ ପାଣ୍ଡିଆନ ଏବଂ ମୁଖ୍ୟ ଶାସନ ସଚିବ ବିଭିନ୍ନ ଉନ୍ନୟନ କାମର ତଦାରଖ ପାଇଁ ବୌଦ୍ଧ ଆସିଥିବା ବେଳେ କଂଟାମାଳ ବିକାଶ ପରିଷଦର କିଛି ଯୁବକ କଂଟାମାଳ-ତରଭା ସେତୁର ଅସମାପ୍ତି ନେଇ ଅଭିଯୋଗ କରିଥିଲେ । ସଚିବ ମଧ୍ୟ ଏହା ଉପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଇତି ମଧ୍ୟରେ ଅନେକ ଦିନ ବିତି ଯାଇଥିବାବେଳେ କାମର ଅଗ୍ରଗତି ନେଇ କୈଣସି ତତ୍ପରତା ଦେଖାଯାଉ ନଥିବା ପରିଲକ୍ଷିତ ହେଉଛି । ଆଗାମି ଏକମାସ ମଧ୍ୟରେ ବ୍ରିଜ୍ କାମ ସମ୍ପୂର୍ଣ୍ଣ କରି ଯାତାୟାତ ସୁବିଧା କରା ନଗଲେ କଂଟାମାଳ ବିକାଶ ପରିଷଦର ଯୁବ ସମାଜ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

ବିନା ସୂଚନା ଫଳକରେ ପାଚେରୀ କାମ, ଦୁର୍ନୀତି ଜଳ ଜଳ

କେନ୍ଦୁଝର(ପିଏନ) : ପଂଚାୟତ ଅନୁଦାନରେ ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟ ମିତତା ଦେଖିବାକୁ ମିଳୁଛି । ଦୁର୍ନୀତିକୁ ଲୁଚାଇବାକୁ ଯାଇ ବେଶ ସତର୍କତାର ସହ ସୂଚନା ଫଳକ ନିର୍ମାଣ କରାଯାଇଥିଲେ ହେଁ ସୂଚନା ଫଳକରେ କୌଣସି ସୂଚନା ଲେଖାନଯାଇ ତରବରିଆ ଭାବେ କରାଯାଉଛି ଏହି ପାଚେରୀ କାମ । ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜଡିପଦା ପ୍ରାଥମିକ ବିଦ୍ୟାଳୟର ପାଚେରୀ ନିର୍ମାଣ ପାଇଁ ଚଳିତ ଆର୍ଥୀକ ବର୍ଷରେ ୩ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଅଛି । ବିଭାଗୀୟ କାର୍ଯ୍ୟାଦେଶରେ ହେବାକୁ ଥିବା ଏହି ପାଚେରୀ ନିର୍ମାଣ କାର୍ଯ୍ୟ ଏବେ ଯୋର ଖୋରରେ ଚାଲୁଥିବାବେଳେ ଗୋଟିଏ ଦିନ ହେଲେ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତଦାରଖରେ ଯାଇନଥିବା ଜଣାପଡିଛି । ଏଠାରେ ପାଚେରୀ କାମ ପୁରୁଣା ପାଚେରୀ ଉପରେ ପ୍ଲାଷ୍ଟର ଖୋଳି ପାଚେରୀ କୁ ଉଚ୍ଚ କରାଯାଉଥିବାବେଳେ ଦୀର୍ଘ ବର୍ଷର ପୂରୁଣା ଫାଉଣ୍ଡେସନ ହୋଇଥିବା ପାଚେରୀ କାମ ଉପରେ ପୁନ୍ନର୍ବାର ପାଚେରୀ କାର୍ଯ୍ୟ କେତେଦିନ ସ୍ଥାୟୀ ରହିବ ଏହାକୁ ନେଇ ଗ୍ରାମବାସିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତାହା ସହିତ ନିମ୍ନ ମାନର ସିମେଂଟରେ ପାଚେରୀ କାମ କରାଯାଉଥିବାବେଳେ ପାଚେରୀ ନିର୍ମାଣରେ ବାଲି ସମେଂଟ ମିଶ୍ରଣ ରେ ଚଂଚକତା କରାଯିବାକୁ ନେଇ ପାଚେରୀର ସ୍ଥାୟୀତ୍ୱକୁ ନେଇ ଗ୍ରାମବାସୀ ମାନେ ତୀବ୍ର ଅସନ୍ତୋଷ

Bhubaneswar Sunday November 03 ଭୁବନେଶ୍ୱର ରବିବାର, ନଭେମ୍ବର ୦୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଭିଭୋର ମେକ ଇନ ଇଣ୍ଡିଆ ଲୋଗୋ ଡିଜାଇନ ପାଇଁ ଉପଭୋକ୍ତାମାନଙ୍କୁ ଆମନ୍ତ୍ରଣ

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ 'ଡିଜାଇନ ଭିଭୋ ମେକ ଇନ ଇଣ୍ଡିଆ ଲୋଗୋ' ପ୍ରତିଯୋଗିତାର ଘୋଷଣା କରାଯାଇଛି । ଏଥିରେ ଉପଭୋକ୍ତା ଏବଂ ପ୍ରଶଂସକ ମାନଙ୍କୁ ଭାଗନେବା ପାଇଁ ଆମନ୍ତ୍ରଣ କରାଯାଇଛି । ଭିଭୋର ଭାରତରେ ୫ ବର୍ଷ ପୁର୍ତି ଉପଲକ୍ଷେ କମ୍ପାନୀ ପକ୍ଷରୁ ଏହି ପ୍ରତିଯୋଗିତା ମାଧ୍ୟମରେ ଦେଶରେ ଉତ୍ପାଦନ କ୍ଷେତ୍ରରେ ଭିଭୋର ପ୍ରତିଶ୍ରୁତି ବଦ୍ଧତା ଦର୍ଶାଇ ଲୋଗୋ ଡିଜାଇନ କରିବା ପାଇଁ ଯୋଜନା ରହିଛି । ଶ୍ରେଷ୍ଠ ବିବେଚିତ ଲୋଗୋକୁ ଭିଭୋ ହ୍ୟାଣ୍ଡସେଟ୍‌ରେ ସ୍ଥାନ ଦିଆଯିବ । ଏତଦ୍‌ବ୍ୟତିତ କୃତି ପ୍ରତିଯୋଗୀ ଙ୍କୁ ୫ଲକ୍ଷ ଟଙ୍କାର ପୁରସ୍କାର ଅର୍ଥ ଦିଆଯିବ । ପ୍ରତିଯୋଗିତାରେ ୧୦ଜଣ ରନର୍ସ-ଅପ ଙ୍କ ଡିଜାଇନ କୁ ଭିଭୋର ସୋସିଆଲ ମିଡିଆରେ ସ୍ଥାନ ଦିଆ ଯିବା ସହ ଭିଭୋ ହ୍ୟାଣ୍ଡସେଟ ପୁରସ୍କାର ରୁପେ ଦିଆଯିବ । ଏହି ପ୍ରତିଯୋଗିତା ପାଇଁ ଇଚ୍ଛୁକ ମାନେ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଭିଭୋ ଇଣ୍ଡିଆର କ୍ରିଏଟିଭ ଟିମ ଏବଂ ଟାଲେଂଟ ହାଉସ ଦ୍ୱାରା କୃତି ପ୍ରତିଯୋଗୀ ଚୟନ କରାଯିବ । ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଛନ୍ତି, 'ଭିଭୋ ମେକ ଇନ ଇଣ୍ଡିଆ ପ୍ରୟାସ ସହ ସର୍ବଦା ଯୋଡିହୋଇ ରହିଛି । ଭାରତରେ ଆମର ୫ବର୍ଷର ସଫଳ ଯାତ୍ରା ଉତ୍ସବକୁ ମନେଇବା ପାଇଁ ଏହି ପ୍ରତିଯୋଗିତା ପ୍ରଶଂସକ ମାନଙ୍କ ପାଇଁ ଯୋଜନା କରାଯାଇଛି । ଆମର ଦୃଢ ବିଶ୍ୱାସ ଭାରତରେ ଥିବା ପ୍ରତିଭା ମାନଙ୍କ ଦ୍ୱାରା ଏକ ଶ୍ରେଷ୍ଠ ଡିଜାଇନ ପ୍ରସ୍ତୁତ ହୋଇପାରିବ । 'ଭାରତରେ ଭିଭୋର ଉତ୍ପାଦନ କ୍ଷମତା କ୍ରମାଗତ ଭାବରେ ସୁଦୃଢ ହେବାରେ ଲାଗିଛି । କମ୍ପାନୀ ପକ୍ଷରୁ ନିକଟରେ ୩୫୦୦ କୋଟି ଟଙ୍କାର ନିବେଶ ପାଇଁ ଘୋଷଣା କରାଯାଇଥିଲା । ଏଥିସହ ଭିଭୋର ଭାରତରେ ନିବେଶ ୭୫୦୦ କୋଟି ଟଙ୍କା କୁ ପହଂଚିଛି ।

ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ଶିକ୍ଷକଙ୍କୁ ମୁକ୍ତି ଦିଅ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ

ଭଦ୍ରକ: ଭଦକ ବ୍ଲକ୍ କେଦାରପୁର ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ବାହାରିବାର ଅଭିଯୋଗ ଓ ପରବର୍ତ୍ତୀ ସମୟରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ ଆଧାରରେ ନିଲମ୍ବନ ଘଟଣାକୁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତୀବ୍ର ନିନ୍ଦା କରିଛି । ଯେକୌଣସି କାରଣରୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଏପରି ଏକ ପ୍ରକ୍ରିୟାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିୟୋଜିତ କରିବା ଘଟଣା କେବେ ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ ।

ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀ : ଇଣ୍ଡିଆ ଇନ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର ଆରମ୍ଭ

ଭୁବନେଶ୍ୱର: କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଜି.ଏସ୍. ମାର୍କେଟିଙ୍ଗ ଆସୋସିଏଟ୍‌ସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜନତା ମଇଦାନଠାରେ କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ଏବଂ ୧୬ତମ ଇଣ୍ଡିଆ ଇନ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର ଆରମ୍ଭ ହୋଇଯାଇଛି । ଏହି ଫେୟାର ୧୧ ନଭେମ୍ବର ପର୍ଯ୍ୟନ୍ତ ଚାଲିବ । ଏହି ଫେୟାରକୁ ମୁଖ୍ୟ ଅତିଥି ଓଡିଶା ସରକାରଙ୍କ ମାନ୍ୟବର ପଂଚାୟତରାଜ, ପାନୀୟ ଜଳ, ଆଇନ, ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା, କେନ୍ଦ୍ର ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ନାଲକୋର ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ ବସନ୍ତ କୁମାର ଠାକୁରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେସନ୍‌ର ସଭାପତି କାନ୍ତିଲାଲ ପଟେଲ, ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ରମେଶ ମହାପାତ୍ର, ଏକ୍ସିବିସନ୍ ଅର୍ଗାନାଇଜିଂ କମିଟିର ଅଧ୍ୟକ୍ଷ ପ୍ରକାଶ ଶାହା, ଜିଏସ୍ ମାର୍କେଟିଙ୍ଗ ଆସୋସିଏଟସ୍‌ର ସିଇଓ ସୁପର୍ଣ୍ଣା ଦତ ଗୁପ୍ତା ଆଦି ଉପସ୍ଥିତ ଥିଲେ । କ୍ରେଡାଇ ଭୁବନେଶ୍ୱର ପ୍ରାୟୋଜିତ ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀରେ ବିଭିନ୍ନ ରିୟଲ ଇଷ୍ଟେଟ୍ ଡେଭଲପରସ୍ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି । ଏହା ବ୍ୟତୀତ ରୟଲ ଇଷ୍ଟେଟ୍ ସମ୍ବନ୍ଧିତ ସମସ୍ତ ଉପକରଣ କମ୍ପାନୀ ଏବଂ ବ୍ୟାଙ୍କ ଆଦି ମଧ୍ୟ ଏହି ପ୍ରଦର୍ଶନୀରେ ଭାଗ ନେଇଛନ୍ତି । ଏହି ଅବସରରେ କ୍ରେଡାଇ ଭୁବନେଶ୍ୱରର ସଭାପତି କାନ୍ତିଲାଲ ପଟେଲ କହିଲେ, ଆମେ ସମସ୍ତେ ଜାଣୁ ଯେ, ବିଶ୍ୱର ମୁଖ୍ୟ ୧୪ଟି ଶିଳ୍ପ କ୍ଷେତ୍ର ମଧ୍ୟରୁ ନିର୍ମାଣ ଶିଳ୍ପ ତୃତୀୟ ସ୍ଥାନରେ ଅଛି । ଏହି କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ଘର କିଣାବିକା ଉପରେ ଜିଏସ୍‌ଟିକୁ ୧୨% ରୁ ୫% ପ୍ରତିଶତକୁ କମାଇ ଦେଇଛନ୍ତି । ମେଟ୍ରୋ ସହରରେ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ଡେଭଲପରକୁ ଅନେକ ଅନୁମତି ନେବାକୁ ପଡିଥାଏ, ଯାହାକି ଅନେକ ସମୟ ସାପେକ୍ଷ ଏବଂ ଏଥି ଯୋଗୁଁ ପ୍ରକଳ୍ପର ଦାମ୍ ବଢି ଗ୍ରାହକ ଉପରେ ଏହାର ପ୍ରଭାବ ପଡେ । ଏହାଦ୍ୱାରା ରିଅଲଇଷ୍ଟେଟ୍ ପ୍ରଭାବିତ ହେବା ସହ ସରକାରଙ୍କ ଟ୍ୟାକ୍ସ ଆଦାୟ କମିଯାଉଛି । ସରକାରଙ୍କୁ ଆମେ ଅନୁରୋଧ କରୁଛୁ ଯେ, ଏହି ସମସ୍ୟାକୁ ଗମ୍ଭୀର ଭାବେ ବିଚାର କର ପଦକ୍ଷେପ ନେବେ । କ୍ରେଡାଇ ଭୁବନେଶ୍ୱରର ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ ଚଳିତ ବର୍ଷ ଆମେ ଅନେକ ଆଫୋଡେବୋଲ ହାଉସିଂ ଏବଂ ରେଡି ଟୁ ମୁଭ୍ ପ୍ରକଳ୍ପ ପ୍ରଦର୍ଶିତ । ଏହି ଗୋଟିଏ ସ୍ଥାନରେ ଗ୍ରାହକ ନିଜର ସମସ୍ତ ଗୃହ ଉପକରଣ ସାମଗ୍ରୀ ପାଇପାରିବେ । ଚଳିତ ବର୍ଷ ଇଣ୍ଡିଆ ଇନ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାରକୁ ୟୁସିସିଆଇ ସହଯୋଗୀତାରେ ଆୟୋଜନ କରାଯାଇଛି ଏବଂ ସହଯୋଗୀ ଦେଶ ହେଉଛନ୍ତି ବାଂଲାଦେଶ ଓ ଥାଇଲାଣ୍ଡ, ଫୋକସ୍ ଦେଶ ଭାବେ ଆଫଗାନିସ୍ତାନ ଏବଂ ତୁର୍କୀ । କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ସହଯୋଗୀ ରାଜ୍ୟ ହୋଇଥିବାବେଳେ ଫୋକସ୍ ରାଜ୍ୟ ହେଉଛି ତାମିଲନାଡୁ ଏବଂ ମହାରାଷ୍ଟ୍ର ଆୟୋଜକ ରାଜ୍ୟ ହେଉଛି ଓଡିଶା । ଏହି ଫେୟାର ପ୍ରତ୍ୟେକ ଦିନ ମଧ୍ୟାହ୍ନ ୦୨ଟାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଚାଲିବ । ଚଳିତବର୍ଷ ଏହି ଫେୟାରରେ ସମୁଦାୟ ୫୦୦ଟି ଷ୍ଟଲ ରହିବ ତନ୍ମଧ୍ୟରୁ ୭ଟି ଦେଶ ଓ ଭାରତର ୧୦ଟି ରାଜ୍ୟ ଅଂଶଗ୍ରହଣ କରିଛନ୍ତି । ତୁର୍କୀ, ଆଫଗାନୀସ୍ତାନ, ବାଲାଂଦେଶ, ଦୁବାଇ, ମାଲେସିଆ, ଭାରତ ଏବଂ ଥାଇଲାଣ୍ଡ ଭଳି ଦେଶ ଏହି ଫେୟାରରେ ଯୋଗ ଦେଇଛନ୍ତି । କର୍ଣ୍ଣାଟକ, ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତରପ୍ରଦେଶ, ପାବ, ହରିୟାଣା, ଆନ୍ଧ୍ରପ୍ରଦେଶ, ଓଡିଶା ଆଦି ରାଜ୍ୟର କାରୁକାର୍ଯ୍ୟ ଭରା ସାମଗ୍ରୀ ଏହି ଫେୟାରରେ ସୁଲଭ ମୂଲ୍ୟରେ ଗ୍ରାହକମାନଙ୍କୁ ମିଳିପାରିବ । ଏହି ଫେୟାର ନିମନ୍ତେ ପ୍ରବେଶ ଶୁଳ୍କ ୨୦ଟଙ୍କା । ଭ୍ରମଣକାରୀମାନଙ୍କ ପାଇଁ ଏକ ଲକି ଡ୍ରର ମଧ୍ୟ ଆୟୋଜନ କରାଯାଇଛି ଏବଂ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ । ଏହି ଫେୟାରରେ ଘରକରଣ ଜିନିଷଠାରୁ ଆରମ୍ଭ କରି ଅ'ର୍ଜାତୀୟ ସ୍ତରର ବିଭିନ୍ନ ଦ୍ରବ୍ୟ ଗ୍ରାହକ ପାଇପାରିବେ ।

ଫେକେଭର ନିୟୁର ବ୍ରାଣ୍ଡ ଆମ୍ବାସାଡ଼ାର ହେଲେ ଡ଼ାଏନା ପେଣ୍ଟି

ଭୁବନେଶ୍ୱର: ଫରେଭର ନିୟୁ ପକ୍ଷରୁ ଭାରତରେ ଏହାର ବ୍ରାଣ୍ଡ ଆମ୍ବାସାଡ଼ାର ରୂପେ ମଡ଼େଲ ଏବଂ ଅଭିନେତ୍ରୀ, ଡ଼ାଏନା ପେଣ୍ଟିଙ୍କୁ ନିଯୁକ୍ତ କରାଯାଇଛି । ଉକ୍ତ ଘୋଷଣାକୁ ପାଳନ କରିବାକୁଯାଇ, ଡ଼ାଏନା ଏକ ଭିଡ଼ିଓରେ ଶରତ ଶୀତ ୨୦୧୯ କଲେକ୍ସନ ପ୍ରଦର୍ଶିତ କରିଛନ୍ତି । ଏଡ଼ବୁ ୧୯ କଲେକ୍ସନ ପୁରୁଣା ହଲିଉଡ଼ ଗ୍ଲାମରରୁ ଅନୁପ୍ରାଣିତ, ଯାହାକି ସମକାଳିକ ଅତି କ୍ଷୁଦ୍ର ଏବଂ କ୍ଲାସିକ ସୋଫିଷ୍ଟିକେସନର ଏକ ସମ୍ମିଶ୍ରଣ । ଉକ୍ତ କଲେକ୍ସନରେ ଡ଼ିପ୍ ପ୍ଲମସ, ଶିମରିଂ ଫ୍ୟାବରିକସ ଏବଂ ଡ଼ିପ୍ କ୍ୱଏଲଡ଼ ଟୋନର ବୈଶିଷ୍ଟ୍ୟ ରହିଛି । ଫରେଭର ନିୟୁର ଏଡ଼ବୁ ୧୯ କଲେକ୍ସନ ସମସ୍ତ ଫରେଭର ନିୟୁ ଷ୍ଟୋର ଏବଂ ବ୍ରାଣ୍ଡର ଅଫିସିଆଲ ୱେବସାଇଟରେ ଉପଲବ୍ଧ ହେଉଛି । ଏହି ଘୋଷଣା ପରିପ୍ରେକ୍ଷୀରେ ଡ଼ାଏନା କହିଛନ୍ତି ଯେ, 'ଫରେଭର ନିୟୁପରି ଏକ ବ୍ରାଣ୍ଡ ସହିତ ଜଡ଼ିତ ରହିବା ବାସ୍ତବରେ ଏକ ଗର୍ବର ବିଷୟ, ଯାହାକି ଆଭ୍ୟ'ରିଣ ସୌନ୍ଦର୍ଯ୍ୟ ଏବଂ ଆତ୍ମବିଶ୍ୱାସ ପାଇଁ ଦଣ୍ଡାୟମାନ ଏବଂ ଏହା ହେଉଛି ଉପଯୁକ୍ତ ଆଧୁନିକ ମହିଳା ମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ରାଣ୍ଡ । ମୁଁ ଏହି ଫରେଭର ନିୟୁ ପରିବାରର ଏକ ଅଂଶ ହୋଇପାରିଥିବାରୁ ଅତ୍ୟ' ଆନନ୍ଦିତ ଏବଂ ଏହି ସହଭାଗିତାକୁ ଆହୁରି ଆଗକୁ ନେବା ପାଇଁ ଆଶାବାଦୀ ।' ଏହି ପରିପ୍ରେକ୍ଷୀରେ ଫରେଭର ନିୟୁ ଇଣ୍ଡିଆ ପକ୍ଷରୁ ଏହାର ଦେଶ ମୁଖ୍ୟ, ଧ୍ରୁବ୍ ବୋଗ୍ରା କହିଛନ୍ତି ଯେ, 'ଆମ୍ଭେମାନେ ଏହି ସହବନ୍ଧିତାକୁନେଇ ଅତ୍ୟ' ଆନନ୍ଦିତ । ଭାରତୀୟ ବଜାରରେ ଉକ୍ତ ବ୍ରାଣ୍ଡ ଆଖିଦୃଶିଆଭାବେ ଉନ୍ନତି କରିଚାଲିଛି ଏବଂ ଡ଼ାଏନା ପେଣ୍ଟିଙ୍କପରି ଅଭିନେତ୍ରୀଙ୍କ ସହିତ ସହବନ୍ଧିତାହୋଇ ଉକ୍ତ ବ୍ରାଣ୍ଡ ଆମର ଗ୍ରାହକ ମାନଙ୍କ ନିକଟରେ ଆହୁରି ଅଧିକ ସଚେତନତା ସୃଷ୍ଟିକରିପାରିବା ସହିତ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ପରିଚୟ ସୃଷ୍ଟିକରିପାରିବ ।

ଏଇଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ଜେ ସି ଚୌଧରୀଙ୍କୁ ଲଣ୍ଡନର ହାଉସ୍ ଅଫ କମନ୍ସରେ 'ଗ୍ଲୋବାଲ ଗାନ୍ଧୀ ଆୱାର୍ଡ ୨୦୧୯' ସମ୍ମାନ ପ୍ରଦାନ

ଭୁବନେଶ୍ୱର/ନୂଆଦିଲ୍ଲୀ: ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ଏବଂ ଆକାଶ ହେଲ୍‌ଥକେୟାରର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେ ସି ଚୌଧରୀଙ୍କୁ ଶିକ୍ଷା କ୍ଷେତ୍ରରେ ଭିନ୍ନ ପ୍ରକାର ଲିଗ୍‌କୁ ନେଇ ଭାରତରେ ବିପ୍ଳବ ଆଣିପାରିଥିବାରୁ 'ଗ୍ଲୋବାଲ୍ ଗାନ୍ଧୀ ଆୱାର୍ଡ ୨୦୧୯' ସମ୍ମାନ ପ୍ରଦାନ କରାଯାଇଛି । ଗ୍ଲୋବାଲ୍ ଗାନ୍ଧୀ ଆୱାର୍ଡକୁ ଶିକ୍ଷା କ୍ଷେତ୍ରରେ ଭିନ୍ନ ପ୍ରକାର ଲିଗ୍‌କୁ ନେଇ ଭାରତରେ ବିପ୍ଳବ ଆଣିବା ବିଷୟବସ୍ତୁକୁ ନେଇ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟ'ୀ ଅବସରରେ ୱେଷ୍ଟମିନ୍‌ଷ୍ଟର ଇନ୍ ଲଣ୍ଡନର ହାଉସ୍ ଅଫ୍ କମନ୍ସରେ ଖଦ୍ଦର ଗ୍ରାମ ଇଟଂରନ୍ୟାସନାଲ୍ ତରଫରୁ ଆୟୋଜନ କରାଯାଇଥିଲା । ବ୍ରିଟେନ୍‌ର ମାନ୍ୟବର ସାଂସଦ ଓ ଇଣ୍ଡୋ ବ୍ରିଟିସ ସର୍ବଦଳୀୟ ସଂସଦୀୟ ଦଳର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିରେନ୍ଦ୍ର ଶର୍ମା ନିଉ ଇଣ୍ଡିଆ ରାଇଜିଂ ଇଣ୍ଡିଆର ପ୍ରୋଗ୍ରାମ ଡାଇରେକ୍ଟର ଶ୍ରୀଯୁକ୍ତ ନଚିକେତା ଯୋଶୀଙ୍କ ସହ ମିଶି ଏହି ପୁରସ୍କାର ପ୍ରଦାନ କରିଥିଲେ । ଗାନ୍ଧୀଙ୍କ ଉପାୟରେ ଗାନ୍ଧୀ ଚି'ାଧାରାକୁ ଗ୍ରହଣ କରି ସମାଜର ଦୁର୍ବଳ ବର୍ଗଙ୍କ ପାଖରେ ପହଂଚିବା ଲାଗି ଗ୍ଲୋବାଲ୍ ଗାନ୍ଧୀ ପୁରସ୍କାର ପ୍ରଦାନ କରାଯାଉଛି । ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ ଏବଂ ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଆକାଶ ହେଲଥ୍‌କେୟାର କହିଛନ୍ତି ଯେ, 'ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହେବା ଅତ୍ୟ' ବିନମ୍ରତାର ବିଷୟ । ସମାଜରେ ଶିକ୍ଷା କ୍ଷେତ୍ରରେ ଭିନ୍ନ ପରିବର୍ତନ ଆଣିବା ଲାଗି ଏହି ସମ୍ମାନଜନକ ଆ'ର୍ଜାତିକ ପୁରସ୍କାର ଆକାଶ ଏଡୁକେସନାଲ୍ ସର୍ଭିସେସ୍‌ର ମନୋବଳକୁ ଆହୁରି ବଢ଼ାଇବ । ଗାନ୍ଧୀଙ୍କ ଉପାୟରେ ଗାନ୍ଧୀ ଚି'ାଧାରାର ବ୍ୟବହାର କରି ଲୋକମାନଙ୍କ ପାଖରେ ପହଂଚିବା ଲାଗି ଏହି ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଏହି ପୁରସ୍କାର ହାସଲ କରିବା ନିଶ୍ଚିତ ରୂପେ ଗର୍ବର ବିଷୟ । ଏହି ସମ୍ମାନକୁ ଉଚିତ ନ୍ୟାୟ ପ୍ରଦାନ କରିବା ଲାଗି ଭବିଷ୍ୟତରେ ଏଇଏସ୍‌ଏଲ୍ ସର୍ବଦା ଶ୍ରେଷ୍ଠ ପଦକ୍ଷେପ ଗ୍ରହଣ କରିବା ଜାରି ରଖିବ ।''

ଦୁବାଇରେ ଓଡିଆ ପୁଅ ଅମୃତେନ୍ଦୁଙ୍କୁ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ

ଭୁବନେଶ୍ୱର; ସୋସାଇଟି ଫର୍ ଆକ୍ସେଲଜ୍‌ମେନ୍ଟ ଫର ୱାର୍କ ଏକ୍ସିଲେନ୍ସି ଦ୍ୱାରା ନିକଟରେ ଦୁବାଇରେ ଅନୁଷ୍ଠିତ ହୋଇଯାଇଥିବା ଏକ କାର୍ଯ୍ୟକ୍ରମରେ ଓଡିଶାର ଜଣେ ଯୁବ ଚଳଚ୍ଚିତ୍ର ନିର୍ମାତା ଅମୃତେନ୍ଦୁ ବରାଳଙ୍କୁ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ କରାଯାଇଛି । ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡ ହେଉଛି ଏସ୍.ଏ.ଡବ୍ଲୁ.ଇର ଏକ ଅଭିନବ ପ୍ରୟାସ ଯାହା ଦ୍ୱାରା ପ୍ରତିଭାଶାଳୀ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କର ଅସାଧାରଣ କାର୍ଯ୍ୟ ନିମନ୍ତେ ସମ୍ମାନିତ କରାଯାଇଥାଏ । ଆଇ.ଆଇ.ଇ.ଏର ଦୁବାଇ ସସ୍କରଣଟି ଭାରତ ରତ୍ନ ପ୍ରାପ୍ତ ଶ୍ରୀ ପ୍ରଣବ୍ ମୁଖାର୍ଜୀଙ୍କ ଦ୍ୱାରା ଦିଲ୍ଲୀ ସ୍ଥିତ ସମ୍ବିଧାନୀକ ସଭାଠାରେ ଶୁଭାରମ୍ଭ କରାଯାଇଥିଲା ଅମୃତେନ୍ଦୁଙ୍କୁ 'ଫିଲ୍ମ ମେକିଙ୍ଗ୍ ଅଫ୍ ଦ ଇୟର' ଶ୍ରେଣୀରେ ଚୟନ କରାଯାଇଥିଲା, ଯେଉଁଥିରେ ସେ ତାଙ୍କର ଡକୁମେଣ୍ଟ୍ରି ଚଳଚ୍ଚିତ୍ର 'ମିସନ୍ ଗଙ୍ଗେ' ପାଇଁ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ ହୋଇଥିଲେ । ମିସନ୍ ଗଙ୍ଗେ ଟାଟା ଷ୍ଟିଲ୍ ଆଡ୍‌ଭେନ୍‌ଚର ଫାଉଣ୍ଡେସନ୍‌ର ପ୍ରଚେଷ୍ଟାରେ ନିର୍ମିତ ହୋଇଥିବା ବେଳେ ଏହା ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ମଧ୍ୟ ପ୍ରସଶଂ ସାଉଁଟିବା ସହିତ ଗଙ୍ଗା ନଦି ତଟରୁ ୫୦ ଟନ୍ ଅବର୍ଜନା ସଫା କରିବାରେ ମଧ୍ୟ ସଫଳ ହୋଇପାରିଛି । ବଲିଉଡ୍‌ର ପ୍ରଖ୍ୟାତ୍ ଅଭିନେତା ଶ୍ରୀ ଅନିଲ୍ କପୁର ଏବଂ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ସାହେଦ୍ ସାହାନୱାଜ୍ ହୁସେନ୍‌ଙ୍କ ଠାରୁ ଆୱାର୍ଡ ଗ୍ରହଣ କରିଥିଲେ ଅମୃତେନ୍ଦୁ । 'ମୋ କଠିନ ପରିଶ୍ରମକୁ ସ୍ୱିକୃତି ମିଳିଥିବାରୁ ମୁଁ ଇଣ୍ଡିଆ ଇ ? ? ?ରନ୍ୟାସ୍‌ନାଲ୍ ଏକ୍ସିଲେନ୍ସି ଆୱାର୍ଡ ଏବଂ ଏସ୍.ଏ.ଡବ୍ଲୁ.ଇକୁ ହୃଦୟର ସହିତ ଧନ୍ୟବାଦ୍ ଦେଉଛି । ମୁଁ ମୋ ଓଡିଶାକୁ ଏକ ଆନ୍ତର୍ଜାତିୟ ସ୍ତରରେ ପ୍ରତିନିଧିତ୍ୱ କରିପାରିଛି ସେଥିପାଇଁ ଗର୍ବିତ ଏବଂ ଏହି ଯାତ୍ରାରେ ମୋର ଉପଦେଷ୍ଟା ପଦ୍ମ ଭୁଶଣ ବୀଚେନ୍ଦ୍ରି ପାଲ୍ ବୋଲି ଅମୃତେନ୍ଦୁ କହିଛନ୍ତି ।'ପୁର୍ବରୁ ଅମୃତେନ୍ଦୁ ଓଡିଶା ସରକାଙ୍କ ଦ୍ୱାରା ପ୍ରେଜୋଯିତ ଡକୁମେଣ୍ଟ୍ରି ଚଳଚିତ 'ବିଯୁ ପଟ୍ଟନାୟକ ହିମାଳୟାନ୍'ରେ ମଧ୍ୟ ନିଜର ପ୍ରତିଭା ଦେଖାଇ ସାରିଥିଲେ ।

ଲର୍ଡ ହୋଓ୍ୱା ଆଇଲାଣ୍ଡ୍ ୨୦୨୦ ପାଇଁ ପୃଥିବୀର ଶ୍ରେଷ୍ଠ ୫ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ଅନ୍ୟତମ

ଭୁବନେଶ୍ୱର :ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲସ୍ ସ୍ଥିତ ଲର୍ଡ ହୋଓ୍ୱା ଆଇଲାଣ୍ଡ୍ ୨୦୨୦ ପାଇଁ ପୃଥିବୀର ଶ୍ରେଷ୍ଠ ୫ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ସ୍ଥାନୀୟ ହୋଇଛି । ଗ୍ଲୋବାଲ ଟ୍ରାଭେଲ୍ ଅଥରିଟି ଲୋନଲି ପ୍ଲାନେଟ୍‌ର ବେଷ୍ଟ୍ ଇନ୍ ଟ୍ରାଭେଲ୍ ୨୦୨୦ରେ ଏହା ପ୍ରକାଶିତ ହୋଇଛି । ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍‌